● Mythological evidences is that Samba son of God Srikrishna was affected with leprosy disease and got cure by worshipping Sun God at Arka tirtha, Konark (Maitreyabana), the specific spot of Konark at on sea-shore Bay of Bengal.

● Samba Dasami is celebrated by worship of Sun God for curing of many diseases which is proved by world Health Organisation (WHO).

The ritual practices of the festival include worship Sun God by placing food items in the sun rays at the time of Sun rise, at noon and at the time of Sun set. The healing components in the Sun rays are absorbed in food stuff placed in the Sun rays

# ଗବେଷଣାତ୍ମକ ନିବନ୍ଧାବଳୀ

## SCHOLARLY PAPERS ON

## STUDY, DATA CREATION AND DOCUMENTATION OF ODISHAN RITUAL PRACTICES: THE INTAGIBLE CULTURAL HERITAGE”



**SUBMITTED BY:**


**S A D H A N A**

At- Achyutapur, Po- Garhrupas, Dist- Puri, Odisha

Phone: 91-6758236969(Off) 09692480557 (Mob)

E-mail: sadhana.konark@gmail.com



**SUPPORTED BY:**

संगीत नाटक अकादेमी Sangeet Natak Akademi

Ministry of Culture, Govt of India, New Delhi

# ସୂଚୀପତ୍ର


୧. ଉକର ସଂକ୍ରାନ୍ତି
୨. କାର୍ତ୍ତିକ ବ୍ରତ
୩. ସାମ୍ବଦଶମୀ
୪. ସାବିତ୍ରୀବ୍ରତ
୫. ଚନ୍ଦନ ଯାତ୍ରା
୬. କୁମାର ପୂର୍ଣ୍ଣିମା
୭. ଦୋଳ ପର୍ବ
୮. ରଜପର୍ବ
୯. ଖୁଦୁରୁକୁଣୀ
୧୦. ଶ୍ରୀରାମ ନବମୀ
୧୧. ମାଣବସା ଗୁରୁବାର
୧୨. ଦୀପାବଳି
୧୩. ମହାବିଶୁବ ସଂକ୍ରାନ୍ତି
୧୪. ଦଶହରା
୧୫. ରକ୍ଷାବନ୍ଧନ
୧୬. ଶିତଳ ଷଷ୍ଠୀ
୧୭. ନୂଆଖାଇ
୧୮. ଅକ୍ଷୟତୃତୀୟା

## INTRODUCTION

Indian cultural heritage is not only one of the most ancient, but it is also one of the most extensive and varied. The rich cultural practices are interrelated of several aspects such as mythical, ritual, social and historical. Odisha is known as UTKAL for its rich cultural heritage including forms and manifestation of intangible cultural tradition. The intangible culture of Odisha is manifested through various forms, styles and performances. Such intangible forms of cultural heritage include folk lore, folk tale, reciting of Vedic mantras, performing arts, plastic arts and literary artistic expression.

The ritual practices of Odisha are the blocks of unity, diversity, moral values, human values and cultural values. The ritual practices of Odisha are derived from Sanskrit scriptures and are in practice till date. There are more than hundreds of ritual practices and festivals that are needed to be documented through creation of database.

# ମକର ସଂକ୍ରାନ୍ତି

**ଶ୍ରୀମତୀ ଛନ୍ଦା ମିଶ୍ର**

ମକର ସଂକ୍ରାନ୍ତି ଭାରତର ଏକ ଜାତୀୟ ପର୍ବ। କିନ୍ତୁ ଓଡ଼ିଶାର ଏହା ଏକ ମୁଖ୍ୟ ପର୍ବ। ସୂର୍ଯ୍ୟଙ୍କର ଉ ରାୟଣ ଏହି ଦିନଠାରୁ ଆରମ୍ଭ ହୁଏ। ସୂର୍ଯ୍ୟ କୁମ୍ଭରୁ ମକର ସଂକ୍ରାନ୍ତି ଦିନଠାରୁ ମକର ରାଶିକୁ ସଂକ୍ରମଣ କରନ୍ତି। ଏଣୁ ଏହାକୁ ମକର ସଂକ୍ରାନ୍ତି କୁହାଯାଏ। ଏହାର ଭି ିଭୂମି ଉଭୟ ଆଧାତ୍ମିକ ଓ ସାମାଜିକ। ଆଧାତ୍ମିକ ଓ ସାମାଜିକ ପରମ୍ପରାକୁ ଏହି ପର୍ବ ପରିପୁଷ୍ଟ କରିଥାଏ। ସୂର୍ଯ୍ୟଙ୍କ ଉ ରାୟଣ କାଳରେ ମୃତ୍ୟୁବରଣ କଲେ ମୁକ୍ତି ମିଳିଥାଏ।ଏହା ହେଉଛି ଆଧାତ୍ମିକ ଦିଗ। ସ୍ନେହ, ସୌହାର୍ଦ୍ଧ୍ୟ, ଏକତା, ମୈତ୍ରୀ ଆଦି ନୈତିକ, ସାମାଜିକ ଓ ମାନବୀୟ ମୂଲ୍ୟବୋଧ ଏକ ଆଦର୍ଶ ସୁସଂହତ ଓ ବଳିଷ୍ଠ ସାମାଜିକ ପରମ୍ପରାକୁ ପରିପୁଷ୍ଟ କରିଥାଏ। ମକର ସଂକ୍ରାନ୍ତି ଦିବସଟିକୁ ଏକ ଆନ୍ତର୍ଜାତିକ ପର୍ବ କହିଲେ ଅତ୍ୟୁକ୍ତି ହେବନାହିଁ, କାରଣ ଏହି ପର୍ବ ଭାରତ ବାହାରେ ରୋମାନ ଓ ଇହୁଦୀମାନଙ୍କ ଦ୍ୱାରା ପାଳିତ ହୋଇଥାଏ। ନେପାଳ, ଥାଇଲାଣ୍ଡ ଓ ମିଆଁମାରରେ ମଧ୍ୟ ପାଳିତ ହୋଇଥାଏ। କିନ୍ତୁ ଏହି ପର୍ବ ନାମ ଭିନ୍ନ ଭିନ୍ନ ହୋଇଥାଏ।



ମକର ସଂକ୍ରାନ୍ତି ପାଳନର ଅନ୍ୟ ଏକ ପୌରାଣିକ ଭି ିଭୂମି ହେଲା ଶତ୍ରୁତା ପରିହାର ପୂର୍ବକ ମିତ୍ରତା ସ୍ଥାପନ କରିବା। ପିତାପୁତ୍ରର ସଂପର୍କକୁ ସୁଦୃଢ଼ କରିବା। ମକର ରାଶି ହେଉଛି ଶନିଙ୍କ ଘର। ଶନି ହେଉଛନ୍ତି ସୂର୍ଯ୍ୟଙ୍କ ପୁତ୍ର। ପୁଅ ସହିତ ବୈରଭାବକୁ ପରିହାର କରି ସୂର୍ଯ୍ୟଦେବ ଶନିଙ୍କ ଘରକୁ ସଂକ୍ରମଣ କରନ୍ତି। ଭଗବାନ୍ ବିଷ୍ଣୁ ଏହି ଦିନରେ ହିଂସା, ଦ୍ୱେଷ, ଅନୀତି ଓ ପାପ କର୍ମର ପ୍ରତୀକ ଅସୁରମାନଙ୍କୁ ବଧକରି ମନ୍ଦର ପର୍ବତ ତଳେ ସମାଧି ଦେଇଥିଲେ।

ଓଡ଼ିଶାର ପ୍ରତି ଅ ଳରେ ମକର ପର୍ବ ପାଳିତ ହୋଇଥାଏ। ଆଦିବାସୀମାନଙ୍କ ମଧ୍ୟରେ ଏହି ପର୍ବ ମଧ୍ୟ ପାଳିତ ହୋଇଥାଏ। ସନ୍ତାଳ ସଂପ୍ରଦାୟର ଲୋକମାନେ ନାଚଗୀତ ସହ ଏହି ପର୍ବ ପାଳନ କରନ୍ତି । ମକର ଚାଉଳ ପ୍ରସ୍ତୁତି, ପରସ୍ପର ମଧ୍ୟରେ ସ୍ନେହ, ସୌହାର୍ଦ୍ଧ୍ୟ, ଭ୍ରାତୃତ୍ୱ ଭାବ ବଢ଼ାଇଥା । ଏହି ପର୍ବ ପାଳନ ଅବସରରେ ସାହି ପଡ଼ିଶା ଘରକୁ ବୁଲିଯିବା, ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରିବା ପରମ୍ପରା ଏକ ଆଦର୍ଶ ପାରିବାରିକ ଜୀବନ ଓ ସୁସଂହତ ସମାଜର ପରିଚାୟକ। କୌଣସି କୌଣସି ଠାରେ ଗ୍ରାମର ସମସ୍ତେ ମିଳିମିଶି ଏହି ପର୍ବ ପାଳନ କରନ୍ତି। ନୂତନ ଉତ୍ପାଦିତ କୃଷିଦ୍ରବ୍ୟରେ ପିଠାପଣା ପ୍ରସ୍ତୁତ କରି ସାଇ ପଡ଼ିଶା ଓ ବନ୍ଧୁବାନ୍ଧବ ମଧ୍ୟରେ ବ ନ କରିଥାନ୍ତି।

ଭାରତରେ ଗୁଡ଼ିଉଡ଼ା ଦିବସ ଭାବେ କେତେକ ଅ  ଳରେ ପାଳିତ ହୋଇଥାଏ। ରଙ୍ଗ ବେରଙ୍ଗ  ଗୁଡ଼ିଉଡ଼ା ପ୍ରତିଯୋଗିତା ଗୁଜରାଟରେ ଅନୁଷ୍ଠିତ ହୋଇଥା। ଏହି  ଗୁଡ଼ିଉଡ଼ା ଦିବସରେ ଯୋଗଦେବାକୁ ବିଦେଶରୁ ଲୋକମାନେ ମଧ୍ୟ  ଆସିଥାନ୍ତି। ଫଳରେ ଆନ୍ତର୍ଜାତିକ ସୌହାର୍ଦ୍ଦଦତା ବଢ଼ିଥାଏ। ମକର ସଂକ୍ରାନ୍ତି ଅବସରରେ ଗଙ୍ଗାସାଗର ମେଳା ପଡ଼ିଥାଏ। ବହୁ ସଂପ୍ରଦାୟର  ଓ ବିଭିନ୍ନ ଅ  ଳର ଲୋକମାନେ ଏହି ମେଳାରେ ସାମିଲ ହୋଇଥାନ୍ତି। ବିଭିନ୍ନତା ମଧ୍ୟରେ ଏକତା ଏହ ମକର ଉତ୍ସବରେ ପରିବର୍ଦ୍ଧିତ ହୋଇଥାଏ।

ଋତୁ  ଅନୁଯାୟୀ ଖାଦ୍ୟପେୟ ଶରୀର ପୌଷ୍ଟିକତା ସନ୍ତୁଳନ କରିଥାଏ; କାରଣ ଯେଉଁ ଋତୁରେ ଯେଉଁ ପୌଷ୍ଟିକତାର ଅଭାବ ଥାଏ, ସେହି ଋତୁରେ ଉତ୍ପାଦିତ ଖାଦ୍ୟଦ୍ରବ୍ୟ ସେବନରେ ତାହା ଦୂର ହୋଇଥାଏ। ତିଳ ସହିତ ଗୁଡ଼ ଭକ୍ଷଣ , ହଳଦୀ  ଓ ଗୁଡ ଭକ୍ଷଣ ପରମ୍ପରା ରହିଛି। ଏହା ସ୍ୱାସ୍ଥ୍ୟଭି  କ ଓ ବିଜ୍ଞାନ ସମ୍ମତ।

ଓଡ଼ିଶାର ଏହା ଏକ ସାର୍ବଜନୀନ ପର୍ବ। ଏହି ପର୍ବ ବାଳକ,  ଯୁବକ, ଯୁବତୀ, ମହିଳା ଓ ପୁରୁଷମାନେ ପାଳନ କରିଥାନ୍ତି। କଳାହାଣ୍ଡି, ମୟୁରଭଞ୍ଜ, ସୁନ୍ଦରଗଡ଼ ଓ କୋରାପୁଟର ସାନ୍ତାଳମାନେ ପାଳନା କରିଥାନ୍ତି।

# କର୍ତିକ ବ୍ରତ

**ବିପିନ୍ ମହାନ୍ତି**

ବେଦର ନିଷ୍କର୍ଷ ହେଉଛି ମନୁଷ୍ୟ ଜୀବନର ଚାରୋଟି ଲକ୍ଷ୍ୟ ଯଥା:- ଧମ,ଅର୍ଥ, କାମ ଓ ମୋକ୍ଷ।ଏହାକୁ ଚତୁର୍ବର୍ଗ ଫଳପ୍ରାପ୍ତି ବୋଲି କହନ୍ତ। କାର୍ତିକ ବ୍ରତ ପାଳନ କଲେ ଏହି ଚତୁର୍ବର୍ଗ ଫଳପ୍ରାପ୍ତି ହୋଇଥାଏ ବୋଲି କାର୍ତିକକୃତ ବା ଦାମୋଦର ବ୍ରତରେ ଲେଖାଅଛି।

ଧର୍ମ ଅର୍ଥ କାମ ମୋକ୍ଷ ସକଳ, ଯାହା ବାଞ୍ଛବ ଦେବ ଆଦିମୂଳ। ରାଧା ଦାମୋଦର ପୂଜା ଏହି ବ୍ରତର ମୂଳବିଧି। କାର୍ତିକ ମାସ ଆରମ୍ଭରୁ ଏହି ବ୍ରତ ପାଳନ ଆରମ୍ଭ ହୋଇଥାଏ। ସାଧାରଣତଃ ସ୍ତ୍ରୀଲୋକମାନେ ଏହି ବ୍ରତ ପାଳନ କରିଥାନ୍ତି। କିନ୍ତୁ କା ିକ ମାସରେ ଆହୁରି ଅନେକ  ବ୍ରତ ପାଳିତ ହୋଇଥାଏ। ଯଥା:- କାର୍ତିକ ସୋମବାର, କାର୍ତିକ ଗୁରୁବାର, ବଡ଼ ଏକାଦଶୀ, ନାଗଲ ଚଉଁଠି, ଅଁଳା ନବମୀ, ଦୀପାବଳୀ ପ  କ ଆଦି। ଏତତ୍ ବ୍ୟତୀତ କାର୍ତିକ ପୂର୍ଣ୍ଣିମାକୁ



ରାସପୂର୍ଣ୍ଣିମା କୁହାଯାଏ। ପରଂବ୍ରହ୍ମ ରସରାଜ ଶ୍ରୀକୃଷ୍ଣ ଗୋପୀମାନଙ୍କ ସହିତ ଶରଦ୍  ରାସ ଏହି ପୂର୍ଣ୍ଣିମା ଦିନ କରିଥିଲେ । ଏହି କାର୍ତିକ ପୂର୍ଣ୍ଣିମା ଉତ୍କଳର ନୌବାଣିଜ୍ୟର  ସ୍ମୃତି ବହନ କରେ। କାର୍ତିକ ପୂର୍ଣ୍ଣିମା ଦିନ ଓଡ଼ିଶାରେ ସର୍ବତ୍ର ବୋଇତ  ବନ୍ଦାଣ ଉତ୍ସବ ପାଳିତ ହୋଇଥାଏ। ଆକାଶଦୀପ କାର୍ତିକ ବ୍ରତର ଏକ ମୁଖ୍ୟ ଆକର୍ଷଣ। ଏହି ସମସ୍ତ ସଂସ୍କୃତି ଓ ପରମ୍ପରାର ସମନ୍ୱ କାର୍ତିକ କୃତ୍ୟ ବା କାର୍ତିକ ମାସର ବ୍ରତ ସମୂହ।

ମହିଳାମାନେ ରାଇଦାମୋଦର ପୂଜା ଅବସରରେ ପୋଖରୀ କୂଳରେ, ନଦୀକୂଳରେ ବା ସମୁଦ୍ର କୂଳରେ ଦାମୋଦର ପୂଜା କରିଥାନ୍ତି। ରାଧାକୃଷ୍ଣ ଓ ସୀତାରାମଙ୍କର କଉଡ଼ି ଖେଳ ଗୀତ ଗାନ କରିଥାନ୍ତି। ଦାମୋଦର ବ୍ରତ ଉତ୍କଳ ପ୍ରଦେଶର କାହାଣୀ ସହିତ ସଂଯୋଜିତ ହୋଇଯାଇଛି, ଯାହାକି ଏହି ପାର୍ବଣ ଓଡ଼ିଶାର ସ୍ୱତନ୍ତ୍ରତା ପ୍ରକାଶ କରେ। କା ିକ ମାସର ନିର୍ମଳ ଓ ଶୋଭାମୟ ପରିବେଶ ସହିତ ବ୍ରତ ପାଳନର କଉଡ଼ି ଖେଳ ଗାନ ଆନନ୍ଦମୟ ପରିବେଶ ସୃଷ୍ଟି କରିଥାଏ। ଏହି ଖେଳରେ ନାରୀର ବିଜୟ ଓ ପୁରୁଷର ପରାଜୟ ପରିବାରରେ ଓ ସମାଜରେ ନାରୀ ମର୍ଯ୍ୟାଦାର ପରମ୍ପରାର ଅକ୍ଷୁର୍ଣ୍ଣ  ରଖିଥାଏ। ବ୍ରତ ଗୀତା ହେଲା

୧- ଶୁଦ୍ଧ ସୁବର୍ନ୍ୟର ମଣ୍ଡପ ହୀରା ମାଣିକ କୋଠି। ରାଇ ଦାମୋଦର ଖେଳନ୍ତି ହାତେ କଉଡ଼ି ମୁଠି।
ଚାରି ମୁଠି ଯୁଅ ଖେଳିଲେ ରାମ ହୋଇଲେ ବନ୍ଦ, ହସି ବଇଦେହୀ କୁହନ୍ତି ଦିଅ କୁଣ୍ଡଳ ବନ୍ଧା।।
୨- କାହିଁ ଯାଇଥିଲ ମୁରଲୀଧର। କାହିଁ ଯାଇଥିଲ ନନ୍ଦ କୁମର।।
ହାତର କଙ୍କଣ କାହିଁ ତୁମର। ଜାଣି ନାହିଁ କି ଗୋ ଚତୁରୀ ରାଧା
ପଶା ଖେଳେ ଆମେ ହୋଇଛୁ ବନ୍ଧା। ହାତର କଙ୍କଣ ଦେଇଛୁ ବନ୍ଧା।

ଆକାଶ ଦୀପର ତାତ୍ପର୍ଯ୍ୟ ହେଲା ଜ୍ଞାନାଲୋକ ଓ ଶ୍ରେୟର ମାର୍ଗ। ଆକାଶଦୀପ ସୂଚାଇ ଦିଏ ମନୁଷ୍ୟ ଜୀବନର ଲକ୍ଷ୍ୟ ଜ୍ଞାନ ଅର୍ଜନ ଓ ଶ୍ରେଷ୍ଠ ଗୁଣ କର୍ମ  ଓ ମାର୍ଗର ପଥିକ, ଯାହା ଭାରତୀୟ ସଂସ୍କୃତିର ଐକାନ୍ତିକ ପରମ୍ପରା। ଦୀପଦାନ ମହାପୁଣ୍ୟ।

କାର୍ତିକ ମାସଟି ଏକ ଧାର୍ମିକ ମାସ ହୋଇଥିବାରୁ ମାସ ତମାମ ଏକ ଆଧ୍ୟାତ୍ମିକ ଓ ସତ୍ୱିକ ପରିବେଶ ସୃଷ୍ଟି ହୋଇଥାଏ। ରାମାୟଣ ପାରାୟଣ, ଭାଗବତ ପାରାୟଣ ଓ ନାମ ସଂକୀର୍ତନ ଚାଲିଥାଏ। ଭାରତୀୟ ସଂସ୍କୃତି ଓ ପରମ୍ପରାର ରତ୍ନ ଭଣ୍ଡାର ସଦୃଶ ଏହି  ଧର୍ମଗ୍ରନ୍ଥର ଗୁଡ଼ିକର ପାରାୟଣ ଫଳରେ ଜନସାଧାରଣ ସତ୍ୟ, ନ୍ୟାୟ, ଧର୍ମ, ଶାନ୍ତି, ସଂହତି, ତ୍ୟାଗ, ଦାନ, ଧର୍ମ, କର୍ମ ସେବା ଆଦି ମହତ୍ ଗୁଣର ଅଧିକାରୀ ହେବାର ସୁଯୋଗ ପାଇଥାନ୍ତି। ଦୀପାବଳୀ ଉତ୍ସବରେ ଦୀପଦାନ  ଓ ମିଷ୍ଟାନ୍ନ ବ  ନ ଓ ବନ୍ଧୁମିଳନ ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧା, ସମ୍ମାନ ଆଦି କାର୍ଯ୍ୟଧାରା ସାମାଜିକ ଓ ପାରିବାରିକ ଜୀବନକୁ ମହ  ର କରିଥାଏ। ଉତ୍କଳର ନୌବାଣିଜ୍ୟ ପରମ୍ପରାର ସ୍ମୃତି ଓଡ଼ିଆ ଜାତିକୁ ଚତୁର୍ବର୍ଗ ସାଧନ ମଧ୍ୟରୁ ଅର୍ଥ ସାଧନର ଆଗ୍ରହ ଓ ଆବେଗ ଉଦ୍ରେକ କରିଥାଏ। ଓଡ଼ିଆମାନେ ବାଣିଜ ବେପାର କରି ଆର୍ଥିକ ସ୍ୱଚ୍ଛଳ ପାଇଁ ଚେଷ୍ଟିତ ହୋଇଥାନ୍ତି। ବାଲିଯାତ୍ରା ଏହି ପରମ୍ପରାରେ ସ୍ମୃତି।

କାର୍ତିକ  ମାସରେ ହବିଷ ପାଳନ ଉନ୍ନତ ସ୍ୱାସ୍ଥ୍ୟ ଓ ନିରାମୟ ଜୀବନର ମୂଳମନ୍ତ୍ର ହିତ୍‌ଭୂକ, ଋତ୍‌ଭୂକ ଓ ମିତ୍‌ଭୂକ:- ଶରୀର ପାଇ ହିତକର ଖାଦ୍ୟ ବା ସାତ୍ୱିକ ଭୋଜନ, ମିତ ଆହାର ଉ  ମ ସ୍ୱାସ୍ଥ୍ୟ ଓ ସହଜ ପରିପାକ ପାଇଁ ଯେତିକି ଖାଦ୍ୟ ଆବଶ୍ୟକ ଓ ନ୍ୟାୟ ଉପାର୍ଜିତ ଖାଦ୍ୟର ସ୍ୱାସ୍ଥ୍ୟ ରକ୍ଷାର ଜ୍ଞାନ କୌଶଳ ସମ୍ବନ୍ଧେ ସୂଚାଇ ଦିଏ।

କାର୍ତିକ  ମାସର ପର୍ବପର୍ବାଣୀ ବ୍ରତ, ଓଷା ଆଦି ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ଏକ ସାମଗ୍ରିକ ପରିପ୍ରକାଶ। ଏହି ସାମଗ୍ରିକ ପରିପ୍ରକାଶ ହିଁ ସାମୂହିକ ଓ ଐକ୍ୟ ଭାବବୋଧ ଓ ଜୀବନଯାପନ ପ୍ରଣାଳୀର ଦ୍ୟୋତକ।

# ଶାମ୍ବ ଦଶମୀ

**ନଟବର ମହାନ୍ତି**

ଶାମ୍ବ ଦଶମୀ ପୌଷ ଶୁକ୍ଲ ଦଶମୀ ତିଥିରେ ପାଳିତ ହୋଇଥାଏ। ଶାମ୍ବ ପୁରାଣର  କଥାବସ୍ତୁ ଶ୍ରୀକୃଷ୍ଣ ପୁତ୍ର ଶାମ୍ବଙ୍କର ସୂର୍ଯ୍ୟ ଉପାସନା ଓ କୁଷ୍ଠ ରୋଗରୁ ମୁକ୍ତି ଉପରେ ଆଧାରିତ। ଅତଏବ ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ ସୂର୍ଯ୍ୟ ଉପାସନା, ରୋଗ ମୁକ୍ତି ଓ ଉ  ମ ସ୍ୱାସ୍ଥ୍ୟ ପ୍ରାପ୍ତି । ସୂର୍ଯ୍ୟ ପୁରାଣ ଓ ପଦ୍ମ ପୁରାଣରେ ମଧ୍ୟ ଏହି କଥାବସ୍ତୁ ଉଲ୍ଲିଖିତ ଅଛ। ଶାମ୍ବ ଦଶମୀକୁ ସମ୍ବର ଦଶମୀ ବ୍ରତ ମଧ୍ୟ କହନ୍ତି। ଏହି ସମ୍ବର ଦଶମୀ ବ୍ରତ କଥାଟି ବ୍ରହ୍ମାଣ୍ଡ ପୁରାଣୋକ୍ତ ବୋଲି ଲିଖିତ ଅଛି। ସୂର୍ଯ୍ୟ ଉପାସନା କେବଳ ହିନ୍ଦୁ ଧର୍ମ ଓ ଭାରତରେ ସୀମିତ ନୁହେଁ। ସୂର୍ଯ୍ୟ ଉପାସନା ପରମ୍ପରା ବୌଦ୍ଧ, ଜୈନ ଧର୍ମରେ ମଧ୍ୟ ଦେଖିବାକୁ ମିଳେ।ଏହା ବ୍ୟତୀତ  ହିନ୍ଦୁ ଧର୍ମର ସମସ୍ତ ସଂପ୍ରଦାୟରେ ମଧ୍ୟ ସୂର୍ଯ୍ୟପୂଜା ଦେଖିବାକୁ ମିଳେ। ଗ୍ରୀକ ଓ ମେକ୍ସିକୋରେ ମଧ୍ୟ ସୂର୍ଯ୍ୟ ଉପାସନା ଦେଖିବାକୁ ମିଳେ। ଅତଏବ, ସୂର୍ଯ୍ୟ ଉପାସନା ସର୍ବ ଧର୍ମ ଓ ସଂପ୍ରଦାୟ ଉପାସନାର ସମନ୍ୱୟ। ଓଡ଼ିଶାରେ ସୂର୍ଯ୍ୟ ପୂଜାର ପ୍ରାଧାନ୍ୟ ରହିଛି। ଏହି ସୂର୍ଯ୍ୟପୂଜାର ଆଧାର ଓ ଭାସ୍କର୍ଯ୍ୟ ପୃଥିବୀରେ ଅଦ୍ୱିତୀୟ। ଶାମ୍ବ ପୁରାଣରୁ ଜଣାଯାଏ କୋଣାର୍କ ଅର୍କ କ୍ଷେତ୍ରରେ ସୂର୍ଯ୍ୟଙ୍କୁ ଉପାସନା କରି ଶାମ୍ବ ରୋଗ ମୁକ୍ତ ହୋଇଥିଲେ।



ଶାମ୍ବ ଦଶମୀ ଦିନ ସୂର୍ଯ୍ୟଦେବଙ୍କୁ ତ୍ରିକାଳ ସଂଧ୍ୟାରେ ଯଥା-ସୂର୍ଯ୍ୟୋଦୟ ସମୟରେ, ମଧ୍ୟାହ୍ନ ସମୟରେ ଓ ସୂର୍ଯ୍ୟାସ୍ତ ସମୟରେ ପୂଜା କରାଯାଏ। ସୂର୍ଯ୍ୟକିରଣ ପ୍ରାକୃତିକ ଚିକିତ୍ସାର ମୁଖ୍ୟ ଆଧାର। ସୂର୍ଯ୍ୟ କିରଣରେ ରୋଗ ନିବା ଶକ୍ତି ନିହିତ ରହିଛି। ଚନ୍ଦ୍ରଙ୍କ ଓଷଧୀଶ କୁହାଯାଏ; କାରଣ ଚନ୍ଦ୍ରକିରଣ ଔଷଧୀୟ ଗୁଣ ରହିଛି, ବୃକ୍ଷଲତାର ଔଷଧୀୟ ଗୁଣ ପରିବର୍ଦ୍ଧିତ କରନ୍ତି। ଚନ୍ଦ୍ରଙ୍କର ଏହି ଔଷଧୀ ସୂର୍ଯ୍ୟଙ୍କ ଠାରୁ ପ୍ରାପ୍ତ ହୋଇଥାଏ, କାରଣ ସୂର୍ଯ୍ୟ କିରଣରେ ଚନ୍ଦ୍ରଙ୍କ ଉପରେ ପଡ଼ିଲେ ଚନ୍ଦ୍ର ଆଲୋକିତ ହୁଅନ୍ତି ଓ ପୃଥିବୀକୁ ଜ୍ୟୋତ୍ସ୍ନା ବିତରଣ କରନ୍ତି।

ସୂର୍ଯ୍ୟରଶ୍ମୀ ସପ୍ତବର୍ଣ୍ଣାଳୀର ସମାହାର। ବାଇଗଣୀ, ଘନନୀଳ, ନୀଳ, ସବୁଜ, ହଳଦିଆ, ଲାଲ ଓ ନାରଙ୍ଗୀ। ଏହି ସପ୍ତରଙ୍ଗକୁ ବୈଦିକ ସାହିତ୍ୟରେ ସପ୍ତାଶ୍ୱ ବୋଲି କୁହାଯାଇଛି। ଏହି ସପ୍ତରଙ୍ଗର ସମାହାର ମନୁଷ୍ୟ ଶରୀରରେ ରହିଛି। ଏହି ସପ୍ତରଙ୍ଗ ମନୁଷ୍ୟର ସର୍ବରୋଗ ନିବାରକ ବୋଲି ବେଦରେ କୁହାଯାଇଛି। ସର୍ବରୋଗ ନିବାରକ ଶକ୍ତି ସୂର୍ଯ୍ୟଙ୍କର ସୂର୍ଯ୍ୟୋଦୟ ସମୟର କିରଣ ଓ ସୂର୍ଯ୍ୟାସ୍ତ ସମୟର କିରଣରେ ଥାଏ । ଶାମ୍ବ ଦଶମୀରେ ଉଦୟ ସୂର୍ଯ୍ୟଙ୍କୁ ଓ ଅସ୍ତ ସୂର୍ଯ୍ୟଙ୍କୁ  ଖାଦ୍ୟ ଦ୍ରବ୍ୟ ସହ  ପୂଜା କରାଯାଏ। ଏହା ବ୍ୟତୀତ ଭିଟାମିନ୍ 'ଡି'  କ୍ୟାଲସିୟମ୍ ଓ ଫସ୍‌ଫରସ୍ ଉତ୍ପନ୍ନ କରେ। ଏହି ଉପାଦା ଆମର ଦୈନନ୍ଦୀନ ଖାଦ୍ୟରେ କମ୍ ଥାଏ। ସୂର୍ଯ୍ୟକିର ଚର୍ମରୋଗ ଓ ଜଣ୍ଡିସ୍ ଭଲ କରେ। ନାରଙ୍ଗୀ ଭିଟାମିନ୍ 'ଡି' ଉତ୍ପାଦନ କରେ। ହଳଦିଆ ରଙ୍ଗ ଉଦର ରୋଗ ଉପଶମ କରେ। ସବୁଜ ରଙ୍ଗ ହୃଦୟ ରୋଗ ନବାରକରେ ସହାୟକ ଓ  ସମସ୍ତ ରୋଗ ନିବାରକ। ଏହା ଗବେଷଣା ପ୍ରସୁତ। ବହୁକାଳର ଆମ ପାରମ୍ପରିକ ଜ୍ଞାନ କୌଶଳରେ ଏହା ଆବିଷ୍କୃତ ଓ ପର୍ବପର୍ବାଣୀରେ ସଂଯୁକ୍ତ।

# ସାବିତ୍ରୀ ବ୍ରତ

**ଯୋଗନ୍ଦ୍ର କୁମାର ନାୟକ**



ସାବିତ୍ରୀ ବ୍ରତ ପୁରାଣର ସାବିତ୍ରୀ-ସତ୍ୟବାନ ଉପାଖ୍ୟାନ ଆଧାରିତ। ସ୍କନ୍ଦ ପୁରାଣ ଓ ଭବିଷ୍ୟ ପୁରାଣରେ ମଧ୍ୟ ସାବିତ୍ରୀ ବ୍ରତର ମହିମା ସମ୍ବନ୍ଧେ ଲେଖାଥିବା ପ୍ରମାଣ ମିଳେ। ଏକାଦଶ ଶତାବ୍ଦୀର ସୃତିକାର ଶତାନନ୍ଦଙ୍କ ଲିଖିତ ସ୍ମୃତିରେ ମଧ୍ୟ ଏହି ବ୍ରତର ଉଲ୍ଲେଖ ମିଳେ। ଏଥିରୁ ଏହି ବ୍ରତର ପୌରାଣିକ ପୃଷ୍ଠଭୂମିର ଆଭାସ ମିଳେ। ମହାଭାରତ ଆଖ୍ୟାନ ଉପାଖ୍ୟାନ ଗୁଡ଼ିକ ବୈଦିକ ଆଦର୍ଶ ଓ ମୂଲ୍ୟବୋଧ ଆଧାରିତ। ଅତଏବ ଏହି ବ୍ରତ ବୈଦିକ ଆଧାର ଓ ପୌରାଣିକ ପୃଷ୍ଠଭୂମିର ସମନ୍ୱିତ। ସାବିତ୍ରୀ ବ୍ରତ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା-ସଧବା ରହିବା ଏବଂ ପତିର ଦୀର୍ଘ ଜୀବନ କାମନା କରିବା। ଏହି ବ୍ରତର ପୂଜା ବିଧିରେ ଯମରାଜାଙ୍କୁ ପ୍ରଣାମ କଲାବେଳେ ବ୍ରତ ଧାରିଣୀ ନିମ୍ନଲିଖିତ ଶ୍ଳୋକଟି ଉଚ୍ଚାରଣ କରିଥାନ୍ତି:

"ତତ୍ୱ ପ୍ରସାଦାତ୍ ଜଗନ୍ନାଥ ଦୀର୍ଘାୟୁରସ୍ତୁ ମେ ଗତିଃ । "ସଂସାର ରଥର ପତିପତ୍ନୀ ଦୁଇଟି ଚକ ସଦୃଶ। ଗୋଟିଏ ଚକ ରଥରୁ ଖସିଗଲେ ରଥ ଚଳିବା ଅସମ୍ଭବ ହୋଇଯାଏ। ଠିକ୍ ସେହିପରି ଦମ୍ପ ି ମଧ୍ୟରୁ ପତି ଦେବଙ୍କର ଅକାଳ ବିୟୋଗ ଗଲେ ସଂସାର ଉଜୁଡ଼ି ପଡ଼େ ଓ ଦୁର୍ବିସହ ହୋଇଯାଏ। ଏଣୁ ଗୃହକ ିଟି ଦୀର୍ଘାୟୁ ରହୁ ଏହା ହିଁ ବ୍ରତର କାମନା। ଏହା ବ୍ୟତୀତ, ସାବିତ୍ରୀ-ସତ୍ୟବାନ ଉପାଖ୍ୟାନର ମୁଖ୍ୟ ପ୍ରତିପାଦ୍ୟ ବିଷୟ ହେଲା ସାବିତ୍ରୀ ନିଜର ସତୀତ୍ୱ ବଳରେ ମୃତ୍ୟୁ ମୁଖରୁ ସତ୍ୟବାନଙ୍କୁ ଫେରାଇ ଆଣିଥିଲେ । ଏହାର ପ୍ରତିକାତ୍ମକ ସନ୍ଦେଶ ହେଲା ନାରୀ ହିଁ ଏକମାତ ଶକ୍ତି ଯିଏ ଅସମ୍ଭବକୁ ସମ୍ଭବ କରିପାରେ। ଅଥଏବ ନାରୀ ଶକ୍ତିର ମହନୀୟତା ଓ ମର୍ଯ୍ୟାଦା ଏଥିରେ ସ୍ପଷ୍ଟ ପ୍ରତିଫଳିତ । ତୃତୀୟତଃ, ଅଶ୍ୱପତି ରାଜ୍ୟ ଭ୍ରଷ୍ଟ ହେବାରୁ ସତ୍ୟବାନ ସପରିବାର ଅରଣ୍ୟ ମଧ୍ୟରେ ବାସ କଲେ ଏବଂ ସାବିତ୍ରୀ ମଧ୍ୟ ବନଚାରିଣୀ ହେଲେ। ଏଣୁ ପତି ପତ୍ନୀ ଆଜୀବନ ସୁଖ ଦୁଃଖର ସାଥି ହେବା ସଂସାର ଚଳାଇ ନେବାର ଆଦର୍ଶ ବହନ କରେ। ନାରୀମାନଙ୍କୁ ଏହି ବ୍ରତ ଧୈର୍ଯ୍ୟ, କଷ୍ଟ ସହିଷ୍ଣୁ ସୁଖଦୁଃଖରେ ନିରୁଦ୍‌ବିଗ୍ନ ଓ ଏକ ରୂପତା ରହିବା; ଏହି ବା ୀ ଏହି ବ୍ରତରୁ ମିଳିଥାଏ। ଏହା ହିଁ ଓଡ଼ିଆ ନାରୀର ପରମ୍ପରା, ସଂସ୍କୃତ ନାରୀପଣିଆ। ଏହି ବ୍ରତର ପରମ୍ପରା ହିଁ ପାରିବାରିକ ମଙ୍ଗଳ ନିମି ର ନାରୀର ଆପ୍ରାଣ ଚେଷ୍ଟାକୁ ଜାରି ରଖିଥାଏ।

ଏହି ବ୍ରତ ନାରୀ ମନପରେ ସତ୍ ଚରିତ୍ର, ସତ୍ୟ, ନିଷ୍ଠା, ପତିବ୍ରତା, ଜ୍ଞାନଗାରିମା, ବୁଦ୍ଧିମ ।, ସେବା, ଦୃଢ଼ ମନୋବଳ ପ୍ରତ୍ୟୁତ୍ପନ୍ନମତିତ ଆଦି ମୂଲ୍ୟବୋଧ ଓ ମହତ୍‌ଗୁଣର ବୀଜ ବପନ କରିଥାଏ। ଏହି ବ୍ରତରେ ଋତୁ ଉପଯୋଗୀ ଫଳ ସେବନର ବିଧି ସ୍ୱାସ୍ଥ୍ୟପ୍ରଦ ଓ ଶରୀରର ସାମର୍ଥ୍ୟ ଓ ପୌଷ୍ଟିକତା ବଢ଼ାଇଥାଏ।

# ଚନ୍ଦନ ଯାତ୍ରା

**ନବ କିଶୋର ଦାଶ**

ଚନ୍ଦନ ଯାତ୍ରା । ଏହି ଶବ୍ଦଟ ସୂଚାଇ ଦିଏ ଯେ ଚନ୍ଦନ ସହିତ ଏହି ଯାତ୍ରାର ସଂପର୍କ, ଏହି ଯାତ୍ରା ବିଶେଷ କରି ଚନ୍ଦନର ପ୍ରୟୋଗ ଆଧାରିତ। ଚନ୍ଦନ ପାଇଁ ଚନ୍ଦନ ବୃକ୍ଷର ଆବଶ୍ୟକତା, ଏହା ଏଥିରୁ ସୁସ୍ପଷ୍ଟ।ଏହି ଯାତ୍ରାଟି ପରିବେଶ ସୁରକ୍ଷା ସହିତ ଜଡ଼ିତ। ଦ୍ୱିତୀୟତଃ ଓଡ଼ିଶାର ସଂସ୍କୃତି ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଏକ ଯାତ୍ରା। ଚନ୍ଦନ ଯାତ୍ରା ବୈଶାଖ ଶୁକ୍ଳ ତୃତୀୟା ବା ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୁଏ ଏବଂ ୪୨ଦିନ ଧରି ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲେ। ଏହାର ପୃଷ୍ଠ ଭୂମି ଋତୁ ଚର୍ଯ୍ୟ ଓ ପୌରାଣିକ ଆଧାରିତ। ଏହାର ମୁଖ୍ୟବିଧି ଚନ୍ଦନ ଲାଗି, ପାଣିରେ ଚାପକ୍ରୀଡ଼ା ଓ ଆଲଟ ଚାମର ଲାଗି। ବିରାଟ ରାଜା ଓ ପାଣ୍ଡବ ପ ଭ୍ରାତା କୃଷ୍ଣ ଓ ବଳରାମଙ୍କ ଆଗମନକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏପରି ଏକ ବିଧିର ଆୟୋଜନ କରିଥିଲେ, କାରଣ ସେହି ସମୟରେ ଗ୍ରୀଷ୍ମ ଋତୁ ହୋଇଥିଲା। ଏହାର ମୂଳରେ ଅତିଥି ସ୍ୱାଗତ, ଅଭ୍ୟର୍ଥନା ଓ ଅତିଥିମାନଙ୍କର ସୁଖ ସୁବିଧା ନିହିତ। ଆମର ସାଂସ୍କୃତିକ ଧାରା ଓ ପରମ୍ପରା ଅତିଥି ସମ୍ମାନ ଓ ଅତିଥିଙ୍କ ସୁଖ ସୁବିଧା। ବେଦରେ କୁହାଯାଇଛି ଅତିଥି ଦେବୋ ଭବ। ପୁରୁଷୋ ମ ପୁରାଣ ଓ ମହାଭାରତରେ ଏହି ସଂପର୍କରେ ବର୍ଣ୍ଣନା ରହିଛି। ଏହି ଯାତ୍ରାର ବିଧି ରହିଛି ମଦନମୋହନ ଚାପକୁ ଗଲାବେଳେ ସାଥିରେ ଶ୍ରୀଦେବୀ , ଭୂଦେବୀ, ପ ପାଣ୍ଡବ ଓ ଜ୍ୟେଷ୍ଠ ଭ୍ରାତା ବଳରାମ ଯାଇଥାନ୍ତି । ଏହା ହେଉଛି ପରିବାର ଓ ସମାଜର ସଂସ୍କୃତି। ଭାଇ, ବନ୍ଧୁ, କୁଟୁମ୍ବ ସହିତ ସମସ୍ତ କାର୍ଯ୍ୟ ସଂପାଦନ କରିବା। ଏହା ଫଳରେ ପରିବାର ଓ ସମାଜ ଦୃଢ଼ୀଭୂତ ହେବ।



ଏହି ଚନ୍ଦନ ଯାତ୍ରା ପରମ୍ପରାରେ କେବଳ ଶ୍ରୀକ୍ଷେତ୍ରରେ ସୀମିତ ନୁହେଁ, ଓଡ଼ିଶାର ବିଭିନ୍ନ ଗ୍ରାମରେ ଶ୍ରୀଜଗନ୍ନାଥ ମନ୍ଦିର ଅନ୍ୟ ଦେବତାମାନଙ୍କ ପୀଠସ୍ଥଳୀରେ ପାଳିତ ହୋଇଥାଏ। ଗ୍ରାମବାସୀମାନଙ୍କ ମିଳିତ ସହଯୋଗରେ ପାର୍ବଣଦଟି ପାଳିତ ହେବା ଯୋଗୁଁ ଗ୍ରାମମାନଙ୍କରେ ଏକତା ସଂହତି, ସଦ୍‌ଭାବ, ସହଯୋଗ ସହଭାଗିତା, ସହନଶୀଳତା, ମୈତ୍ରୀ ଆଦି ପରମ୍ପରା ଅକ୍ଷୁର୍ଣ୍ଣ ରହିଥାଏ। ଏହି ଦିବ୍ୟଗୁଣ ଓ ମୂଲ୍ୟବୋଧ ମାନବିକତାର ଆଧାର। ପ୍ରତ୍ୟେକ ମନୁଷ୍ୟ ଏ ସବୁ ଗୁଣର ଅଧିକାରୀ ହେବା ଆବଶ୍ୟକ। ଭାଗବତରେ କୁହାଯାଇଛି:

ମନୁଷ୍ୟ ଦେହ ଦିବ୍ୟଜ୍ଞାନ

ଦେଖି ସନ୍ତୋଷ ଭଗବାନ।

ମନୁଷ୍ୟମାନଙ୍କ ଠାରେ ଏହି ଗୁଣ ସମୂହର ପରିପ୍ରକାଶ ହେଲେ ହିଁ ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତ ହେବ। ଚନ୍ଦନ ଲାଗି ହେବା ଶ୍ରୀକୃଷ୍ଣଙ୍କର ଅତିପ୍ରିୟ। ଶ୍ରୀଗୀତଗୋବିନ୍ଦରେ କବି ଜୟଦେବ ଲେଖିଛନ୍ତି:

ଚନ୍ଦନ ଚର୍ଚ୍ଚିତ ନୀଳକଳେବର ପୀତବସନ ବନମାଳି।

# କୁମାର ପୂର୍ଣ୍ଣିମା

**କସ୍ତୁରୀ ଚରଣ ଦାସ**



କୁମାର ପୂର୍ଣ୍ଣିମାର ପର୍ବଟି ଆଶ୍ୱୀନ ମାସ ପୂର୍ଣ୍ଣିମା ତିଥିରେ ପଡ଼ିଥାଏ। ଏହି ପୂର୍ଣ୍ଣିମା ତିଥିରେ ଗଜଲକ୍ଷ୍ମୀ ପୂଜା ହୁଏ। କୁମାର କୁମାରୀମାନେ କୁମାର ଉତ୍ସବ ପାଳନ କରନ୍ତି। ଏହି ଦିନ ଜହ୍ନି ଓଷା ମଧ୍ୟା ଉଦ୍‌ଯାପନ ହୁଏ। ଅବିବାହିତ ଝିଅମାନେ ଆଶ୍ୱିନ ମାସ ଆରମ୍ଭରୁ ଜହ୍ନିଓଷା ପାଳନ କରନ୍ତି କୁମାର ପୂର୍ଣ୍ଣିମା ଦିନ ଉଦ୍‌ଯାପନ କରନ୍ତି। ଏହି ଦିନଟିକୁ କୁମାର କୁମାରୀମାନେ ନାଜ ଗୀତ ସହିତ ଆନନ୍ଦ ଉଲ୍ଲାସରେ ପାଳନ କରୁଥିବାରୁ ଏହାକୁ କୁମାର ଉତ୍ସବ ମଧ୍ୟ କୁହାଯାଏ। ସ୍ୱର୍ଗ ସେନାପତି ଗୌରୀପୁତ୍ର କାର୍ତ୍ତିକେୟଙ୍କର ଅନ୍ୟ ଏକ ନାମ କୁମାର। ତାରାକାସୁର ବଧ ନିମିତ୍ତ ଏହି ଦିନ କାର୍ତ୍ତିକେୟଙ୍କର ଜନ୍ମ। ଏହି ପୃଷ୍ଠଭୂମିରେ ଏହାର ନାମ କୁମାର ପୂର୍ଣ୍ଣିମା। ଜହ୍ନି ଓଷା ବ୍ରତର ମୁଖ୍ୟ ଉଦ୍ଦେଶ୍ୟ କାମନାପୂର୍ତ୍ତି। ଇହଲୋକ ଓ ପରଲୋକରେ ସୁଖ ।ଏହା ହିଁ ବୈଦିକ ଧାରାର ଉଦ୍ଦେଶ୍ୟ- ଅଭ୍ୟୁଦୟ ଓ ନିଃଶ୍ରେୟ। କବି ଜହ୍ନି ଓଷା ବ୍ରତରେ ଲେଖିଛନ୍ତି-

**ତୁଳସି ମୂଳରେ ଦେଲି ଜାଗର। ତୁଳସି ବୋଇଲେ ମାଗେ ବର**

**ଧନ ଜନ ମୂଳରେ ଦେଲି ଜାଗର। ଯାହାକୁ ଯେମନ୍ତ ଦିଶିବ ସୁନ୍ଦର**

**କାନକୁ ମୁଦି ପେଡ଼ିକୁ କନା। ବାର ବରଷର ଧାନ ପୁରୁଣା**

**କାଖରେ ପୁଅ ପଣନ୍ତରେ ଶୁଅ। ଜିଇଥିଲା ଯାଏ ଏ ବର ଦିଅ**

**ମରିଗଲେ। ସେହି ବୈକୁଣ୍ଠ ଜାଣି। ଜିଇଥିଲା ଯାକ ଅହିଅ ରାଣୀ।**

ଏହା ବ୍ୟତୀତ ରୋଗବ୍ୟାଧିର ନିରାକରଣ ଓ ଉପଶମ ହୋଇଥାଏ ବୋଲି ଜହ୍ନି ଓଷା କରାଯାଏ

**ବାଳି ଝିଅମାନେ ହୋଇଣ ମେଳି। ଓଷା କରନ୍ତି ଦେଇ ହୁଳହୁଳି ।**

**ଏ ଓଷା କଲେ କି ମାନ ହୋଏ। ଯାହା ମନାସିଲେ ସେ ଫଳ ପାଏ।**

**ଦେହରେ ଯେଉଁ ରୋଗ ବ୍ୟାଧି ଥିବ। ଜହ୍ନି ଓଷା କଲେ ଭଲ ହୋଇବ।**

ତୁଳସୀ ଚଉରା ମୂଳରେ ଜହ୍ନିଫୁଲ ସହିତ ଏହି ଓଷା ପାଳନ କରାଯାଏ। ତୁଳସୀ ବୃକ୍ଷର ରୋଗ ନିବାର ଶକ୍ତି ଥାଏର। ଜହ୍ନି ଫୁଲରେ ମଧ୍ୟ ରୋଗର ନିବାରକ ଶକ୍ତି ଥାଏ। ଦୀର୍ଘ ସମୟ ଧରି ଏହି ତୁଳସୀ ବୃକ୍ଷ ଓ ଫୁଲ ସହିତ କୁମାରୀମାନେ ମିଳିମିଶି ପାଳନ କରିବା ଫଳରେ ରୋଗ ନିବାରକ ଶକ୍ତି ବଢିଥାଏ। ଏବଂ ମାନସିକ ସ୍ତରରେ ଶାନ୍ତି ଓ ଆନନ୍ଦ ଆସିଥାଏ। ଏହିସବୁ ରୋଗ ଉପଶମରେ ସାହାଯ୍ୟ କରିଥାଏ। ଏହା ଅନୁଭୂତି ପ୍ରସୂତ ପାରମ୍ପରିକ ଜ୍ଞାନ କୌଶଳ ଯାହାକି Intangible Cultural Heritage ଏକ ଉପାଦାନ। ତୁଳସୀ ଚଉରା ମୂଳେ ଜହ୍ନିଫୁଲ ନେଇ ପୂଜା କରିବା ପରିବେଶ ସୁରକ୍ଷାରେ ମଧ୍ୟ ସହାୟକ ହୋଇଥାଏ। ମୁରୁଜ ଦେବା, ଝୋଟି, ଚିତା ପକାଇବାର ପାରମ୍ପରିକ କଳା କୌଶଳ ଏବଂ ଜହ୍ନିଓଷା ଗୀତ ଓ କୁମାର ପୂର୍ଣ୍ଣିମା ଗୀତ। ଋତୁ ଅନୁସାରେ ନିର୍ଦ୍ଧିଷ୍ଟ ତିଥିରେ ଖାଦ୍ୟ ଦ୍ରବ୍ୟ ସେବନ ଲିଆ, ଚୂଡ଼ା, ନଡ଼ିଆ, ଗୁଡ଼, ନବାତ ଆଦି ଭକ୍ଷଣ ସ୍ୱାସ୍ଥ୍ୟପ୍ରଦ । ଏହାର ପରମ୍ପରା ଆମେ ସମସ୍ତେ ଜାଣନ୍ତି। କାରଣ ପଞ୍ଜିକାରେ ନିର୍ଦ୍ଦେଶ ଥାଏ, କେଉଁ ବାରରେ ଓ ତିଥିରେ କ'ଣ ଖାଇବା ଉଚିତ୍ ଓ କ'ଣ ଖାଇବା ଅନୁଚିତ।

କୁମାର ପୂର୍ଣ୍ଣିମାରେ ଗଜଲକ୍ଷ୍ମୀଙ୍କର ପୂଜା ହୋଇଥାଏ । ଗଜ ଲକ୍ଷ୍ମୀ ପୂଜାର ପୁରପଲ୍ଲୀରେ ସାମୂହିକ ଭାବେ ଗୋଷ୍ଠୀଭି ିରେ ପାଳିତ ହୋଇଥାଏ। ଗ୍ରାମ ବା ସାହିର ସମସ୍ତ ପରିବାର ଅକୁଣ୍ଠ ସହଯୋଗ କରିଥାନ୍ତି ଏହିପରି ଏକ ସାମୂହିକ କାର୍ଯ୍ୟ ସଂପାଦନ ପରମ୍ପରା ସହଯୋଗ ସଦ୍‌ଭାବ ଓ ଏକତାର ଆଧାର ରୂପେ କାର୍ଯ୍ୟ କରିଥାଏ । କୁମାର ପୂର୍ଣ୍ଣିମାରେ ଜୁଆଖେଳ ଅନୁଷ୍ଠିତ ହୋଇଥାଏ। ବଡ଼ ଦେଉଳରେ ଶ୍ରୀଜଗନ୍ନାଥଦ ଲକ୍ଷ୍ମୀଙ୍କ ସହିତ ଜୁଆ ଖେଳନ୍ତି। ପ୍ରତି ଘରେ, ସାହିରେ ଜୁଆଖେଳ ହୋଇଥାଏ। ଶ୍ରୀକୃଷ୍ଣ ରାଧାଙ୍କ ସହିତ ଜୁଆଖେଳାରେ ହାରି ବନ୍ଧା ପଡ଼ିବା ଗୀତ ରହିଛି। ଏହି ଜୁଆଖେଳ ଦାମ୍ପତ୍ୟ ପ୍ରେମର ପ୍ରତୀକ । ଏହା ମଧ୍ୟ ସାଂସାରିକ ଜୀବନର ପ୍ରତିଯୋଗିତା, ଉତ୍‌ଥାନ ପତନ ଆଦିର ପ୍ରତୀକାତ୍ମକ ପରିପ୍ରକାଶ । କାରଣ ସଂସାର କ୍ଷେତ୍ରରେ ମନୁଷ୍ୟକୁ ଏହି ସବୁର ସମ୍ମୁଖୀନ ହେବାକୁ ହୋଇଥାଏ।

# ଦୋଳ ପର୍ବ

**ହରିହର ଶତପଥୀ**

ଦୋଳ ଶବ୍ଦଟି ସଂସ୍କୃତ ଶବ୍ଦ, ଯାହାର ଅର୍ଥ ଝୁଲିବା, ଦୋଳି ଖେଳିବା। ପ୍ରାୟତ ପା  ହଜାର ବର୍ଷ ପୂର୍ବେ ଦୋଳ ପର୍ବ ବା ଦୋଳ ଉତ୍ସବର ସୃଷ୍ଟି। ରାଧାକୃଷ୍ଣଙ୍କ ଓ ଗୋପନାୟୀକାମାନଙ୍କର ସରସ ବସନ୍ତ କାଳରେ ଅନୁଷ୍ଠିତର ନୃତ୍ୟୋତ୍ସବ ବୈଷ୍ଣବ ଧର୍ମର ଏକ ପରମ୍ପରା ରୂପେ ଅଦ୍ୟାବଧି ଚଳି ଆସୁଛି। କବି ଶିରୋମଣି ଜୟଦେବଙ୍କ ରଚିତ ଶ୍ରୀଗୀତଗୋବିନ୍ଦ କାବ୍ୟରେ ଲିଖିତ ଅଛି –

**"ବିହରତି ହରିରହ ସରସବସନ୍ତେ**

**ନୃତ୍ୟତି ଯୁବତିଜନେନ ସମଂ ସଖି ବିରହଜନସ୍ୟ ଦୂରନ୍ତେ ।"**

**ଏହା ବ୍ୟତୀତ ବିଭିନ୍ନ ପୁରାଣମାନଙ୍କରେ ମଧ୍ୟ ଏହାର ପ୍ରମାଣ ମିଳେ।**

ଏହି ପର୍ବର ପରମ୍ପରା ସହଯୋଗିତା, ସହଭାଗିତା, ଏକତା, ଗୋଷ୍ଠିଭି ିକ, ଗ୍ରାମଭି ିକ ଓ ଅ ଳଭି ିକ ଅଟେ। ଏହି ମାନବିକତା ଓ ସାମାଜିକ ମୂଲ୍ୟବୋଧ ପରମ୍ପରା ବ୍ୟତୀତ ଏହାର ପୃଷ୍ଠଭୂମି ଧାର୍ମିକ ପରମ୍ପରା ନିହିତ। ଏହି ପରମ୍ପରା ବାସୁଦେବ ଶ୍ରୀକୃଷ୍ଣ ଶ୍ରୀରାଧା ଓ ଗୋପବିଳାସୀମାନଙ୍କର ଶୁଦ୍ଧ ଅପ୍ରାକୃତ ପ୍ରେମଭକ୍ତି। ଏହି ପର୍ବ ବସନ୍ତ ଋତୁର ଫଗୁଣ ମାସ ଶୁକ୍ଳ ଦଶମୀଠାରୁ ଆରମ୍ଭ ହୋଇ ଫଗୁଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲେ। ଏହି ଶୁକ୍ଳ ଦଶମୀକୁ ଫଗୁ ଦଶମୀ କୁହାଯାଏ। ହୋଲି ପର୍ବ ଓ ଦୋଳ ମେଳଣ ଦୋଳପର୍ବ ସହିତ ସଂପର୍କିତ। ଦୋଳପର୍ବ, ହୋଲିପର୍ବ ଓ ଦୋଳମେଳଣ ଉତ୍କଳୀୟ ମହାନ ପାର୍ବଣ ପରମ୍ପରାରେ ତ୍ରିବେଣୀ  ସଙ୍ଗମ। ଏହି ପାର୍ବଣ ପାଳନ ପରମ୍ପରା ମଧ୍ୟରେ ଉତ୍କଳ ସାମାଜିକ ଜୀବନର ମୂଲ୍ୟବୋଧ , ଯାହାକି ବୈଦିକ ସଂସ୍କୃତି ଓ ଆଧାରର ମୂଲ୍ୟବୋଧକୁ, କାନ୍ଧକୁ କାନ୍ଧ  ମିଳେଇ, ହାତକୁ ହାତ ମିଳେଇ ପାଦକୁ ପାଦ ମିଳେଇ ଚାଲିବା  ନିଷ୍ପ ି ପ୍ରକ୍ରିୟ ଓ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ସମସ୍ତଙ୍କ ସହଯୋଗ, ସହଭାଗିତା, ସଫଳ ରୂପାୟନରେ ଦାୟିତ୍ୱବୋଧ ଓ ଦାୟିତ୍ୱର ପରିପାଳନ ପ୍ରତିଫଳିତ। ଏଥିରେ ସବୁ ବର୍ଗର ଲୋକ ସାମିଲ ହୁଅନ୍ତି  ଏହାର ପରମ୍ପରା ସାମୂହିତ ନିଷ୍ପ ି ପ୍ରକ୍ରିୟାର ଆଧାର। ଏହି ପର୍ବର ଅନ୍ୟ ଏକା ପରମ୍ପରା ହେଉଛି ଦ୍ୱାରୀ ଭୋଗ। ଠାକୁର ଦ୍ୱାର ଦ୍ୱାର ବୁଲି ଭୋଗ ଖାଆନ୍ତି।  ଏହା ସମାଜରେ  ସମତା ଓ ସମନ୍ୱୟ ସ୍ଥାପନ କରିବାର ମୂଳାଧାର। ଯେଉଁ ଆଧାରରେ  ସୁସ୍ଥର ସମାଜର ବୈଶିଷ୍ଟ୍ୟ ନିରନ୍ତର ରହିଥାଏ। ବିଭିନ୍ନ ଗ୍ରାମର ଠାକୁରମାନେ ମେଳଣ ପଡ଼ିଆରେ ଏକତ୍ରିତ ହୋଇଥାନ୍ତି। ଏହା ଫଳରେ ଆ ଳିକ ଭି ିରେ ଗ୍ରାମ ଗୁଡ଼ିକ ମଧ୍ୟରେ ସଦ୍‌ଭାବ, ଏକତା ଓ ଭ୍ରାତୃତ୍ୱ ଭାବ ସୃଷ୍ଟି  ହୋଇଥାଏ।



ଦୋଳପର୍ବ ଏକ ଜାତୀୟ ପର୍ବ । ଠିକ୍ ସେହିପରି  ହୋଲି ପର୍ବ  ମଧ୍ୟ ଏକ ଜାତୀୟ ପର୍ବ। ଏହି ପର୍ବର ପୃଷ୍ଠଭୂମି ହୋଲିକା ଦହନ ଓ ହୋଲି ଖେଳ। ହିରଣ୍ୟକେଶ୍ୟପୁଦ ଓ ପ୍ରହ୍ଲାଦ ଚରିତ

ଆଧାରିତ। ସୃଷ୍ଟି ଓ ସମାଜ ପ୍ରତିକୂଳ ପ୍ରବୃ ି ଓ ଆଚରଣ ପ୍ରତୀକ ହିରଣ୍ୟକଶ୍ୟପୁ ଓ ଦେବତ୍ୱ ଓ ମାନବିକତାର ପ୍ରତୀକ ପ୍ରହ୍ଲାଦ। ହୋଲିକା ଭାଇର ଅନୁଚିତ କାର୍ଯ୍ୟର ସହାୟକ ହୋଇ ପ୍ରହ୍ଲାଦକୁ ଦଗ୍ଧ କରିବା ସହିତ ମାନବୀୟ ମୂଲ୍ୟବୋଧ ବିଲୁପ୍ତ କରିବାର ପ୍ରଚେଷ୍ଟାରେ ନିଜେ ଦଗ୍ଧୀଭୂତ ହୋଇଥିଲା। ଏହା ଏକ ନୀତିଶିକ୍ଷାର ପରମ୍ପରା ଯାହା ଭାଗବତରେ ଲିଖିତ ଅଛି

**"ଯେ ଜନ ଚିନ୍ତେ ପରମନ୍ଦ**

**ତା ମନ୍ଦ ପା ନ୍ତି ଗୋବିନ୍ଦ।**

ହୋଲି ପର୍ବ ସଦ୍‌ଭାବନା, ସୌହାର୍ଦ୍ଦ୍ୟ, ବନ୍ଧୁତ୍ୱ ଓ ଭ୍ରାତୃଭାବାପନ୍ନ ଉତ୍ସବ ମୁଖରିତ ପର୍ବ। ପରିବାରଠାରୁ ଆରମ୍ଭ କରି ରାଷ୍ଟ୍ର ପର୍ଯ୍ୟନ୍ତ ସମସ୍ତେ ଆନନ୍ଦମୟ ଜୀବନଯାପନ କରିବା ହିଁ ଏହି ପାରମ୍ପରିକ ଉତ୍ସବର ଉଦ୍ଦେଶ୍ୟ, ରଂଗ ଖେଳ ବା ହୋଲି ପର୍ବ।

ଫଗୁ ଖେଳ ହେଲା ହୋଲି ପର୍ବର ସ୍ୱାସ୍ଥ୍ୟଭି ିକ ବିଜ୍ଞାନ ସମ୍ମତ ଆଧାର। ବସନ୍ତ ଋତୁର ଆଗମନରେ ମିଳିମିଳା, ହାଡ଼ଫୁଟି ଓ ବସନ୍ତ ରୋଗର ପ୍ରାଦୁର୍ଭାବ ଦେଖାଦିଏ। ଏଣୁ ଏହି ରୋଗରେ ଭୂତାଣୁମାନଙ୍କ ନିଷ୍କ୍ରିୟ କରିବା ପାଇଁ ଫଗୁ ଖେଳାଯାଏ। ଫଗୁ ଲୋଧ, ଆଳୁଖଣ୍ଡ, ସାରୁ ଖଣ୍ଡ ଓ ଆମ୍ବ କଷି ଅଦାରୁ ପ୍ରସ୍ତୁତ ହୋଇଥାଏ। ଏହି ଚେରମୂଳ ପ୍ରସ୍ତୁତ ରଙ୍ଗିନ ଗୁଣ୍ଡରେ ରୋଗ ଜୀବାଣୁ ନାଶକ ଶକ୍ତି ଥାଏ । ଅବିର ଚର୍ମରୋଗର ଜୀବାଣୁକୁ ମଧ୍ୟ ନଷ୍ଟ କରିଥାଏ। ଏଣୁ ଫଗୁ ଖେଳ ଏକ ପରମ୍ପରା। ଏଥିରେ ପାରମ୍ପରିକ ଜ୍ଞାନ କୌଶଳ ଥାଏ, ଯାହାକି Intangible cultural Heritage ର ଏକ ବିଭବ।

# ରଜ ପର୍ବ

**ଶ୍ରୀମତୀ ଗୀତାରାଣୀ ରଥ**

ରଜ ସଂକ୍ରାନ୍ତି ନାମଟିର ସ୍ମରଣ ବା ଉଚ୍ଚାରଣ ମାତ୍ରେ ଓଡ଼ିଶାର ଆବାଳ ବୃଦ୍ଧ ବନିତାଙ୍କ ମନରେ ଏକ ଅପୂର୍ବ ଶିହରଣ ଆଣିଦିଏ। କାରଣ ଏହା ମଉଜର ପର୍ବ ଓ ସଜବାଜର ପର୍ବ। ଆନନ୍ଦ ଉଲ୍ଲାସରେ ମଉଜ ମଜଲିସ୍‌ରେ ଏହି ପର୍ବ ପାଳନ ହେଉଥିବାରୁ ଏହି ଅବସରଟିକୁ ରଜ ମଉଜ କହନ୍ତି। ରଜ ପର୍ବ ଉତ୍କଳୀୟ ପାର୍ବଣ ପରମ୍ପରାର ଏକ ମୁଖ୍ୟ ପର୍ବ। ଏହି ପର୍ବରେ ଉତ୍କଳୀୟତାର ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୋଇଥାଏ।

ଆଷାଢ଼ ମାସର ରଜ ସଂକ୍ରାନ୍ତି ଅବସରରେ ରଜପର୍ବ ପାଳନ ହୁଏ। ଏହା ମୁଖ୍ୟତଃ କୃଷିଭି ିକ ପର୍ବ ଏବଂ ଓଡ଼ିଆ ମାନଙ୍କର ନିଜସ୍ୱ ପର୍ବ। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ କୃଷି କାର୍ଯ୍ୟ ଓ ଫସଲ ଉତ୍ପାଦନ ମୌସୁମୀ ବାୟୁ ପ୍ରବାହ ଉପରେ ନିର୍ଭର କରିଥାଏ। ମୌସୁମୀ ବାୟୁ ପ୍ରବାହ ଓଡ଼ିଶାରେ ପ୍ରାୟତଃ ରଜ ତିନିଦିନ ମଧ୍ୟରେ ଆରମ୍ଭ ହୋଇଥାଏ। କୃଷିର ଆଧାର ହେଉଛି ଭୂମି। ମୌସୁମୀ ଆଗମନରେ ପୃଥିବୀ ମାତା ଉତ୍ପାଦନ କ୍ଷମ ହୋଇଥାଏ। ଏଣୁ ଭୂମି ମାତାଙ୍କୁ ସମ୍ମାନ ଦେବା ଏହି ପର୍ବର ଲକ୍ଷ୍ୟ। ଋଗ୍ ବେଦର ପୃଥିବୀ ସୂକ୍ତରେ ଲେଖାଯାଇଛି- ଯେଉଁ ପୃଥିବୀ ଉପରେ ସମୁଦ୍ର, ନଦୀ ଓ ଜଳ ରହିଛନ୍ତି, ଯେଉଁଥିରେ ଅନ୍ନ ଓ କୃଷିର ସ । ଓ ଆଧାର ରହିଛି, ଯେଉଁଠାରୁ ସମସ୍ତଙ୍କୁ ଆନନ୍ଦ ମିଳିଥାଏ, ଜୀବନର ସ । ଓ ଆଧାର ମିଳିଥାଏ, ସେହି ଭୂମିକୁ ଆମେ ପ୍ରଥମେ ସମ୍ମାନ ଦେବା। ଏହି ଦିନ ଠାରୁ ଭୂମିର ଉତ୍ପାଦିକା ଶକ୍ତି ଆସିଥିବାରୁ ଏହି ତିନିଦି ପୃଥିବୀ ରାଜସ୍ୱ ବୋଲି ଧରି ନିଆଯାଏ ଓ ପୃଥିବୀ ମାତାଙ୍କୁ ସମ୍ମାନ ପ୍ରଦାନର ପରମ୍ପରା ରହିଛି। ଏହି ଦୃଷ୍ଟିରୁ ଏହାର ପୃଷ୍ଠଭୂମି ବୈଦିକ ଧର୍ମଧାରା ଆଧାରି । ପୃଥିବୀ ସୂକ୍ତ ସହିତ ଅଥର୍ବ ବେଦର କୃଷିସୂକ୍ତର ସମନ୍ୱୟର ଆଧାର ରଜପର୍ବ। କୃଷିସୂକ୍ତର ଏକ ମନ୍ତ୍ରରେ କୁହାଯାଇଛି- ବଳଦମାନେ ଖୁସିରେ ରୁହନ୍ତୁ । ସମସ୍ତେ ଆନନ୍ଦରେ ରହନ୍ତୁ। ଆନନ୍ଦରେ କୃଷିକାର୍ଯ୍ୟ ସଂପାଦନ କରନ୍ତୁ। ଆର୍ଯ୍ୟମାନଙ୍କର ଏକ କ୍ଷତ୍ରୀୟ ଗୋଷ୍ଠୀକୁ ମନୁସ୍ମୃତିରେ ଉଡ୍ର ବୋଲିର କୁହାଯାଇଛି। ଉଡ୍ର ଗୋଷ୍ଠୀ ହିଁ ଓଡ଼ିଶା ଆସିଥିଲେ ବୋଲି ଏକ ସ୍ୱତନ୍ତ୍ର ପାର୍ବଣ ପରମ୍ପରାର ରୂପ ନେଲା, ଯାହାକି ରଜପର୍ବ ନାମରେ ନାମିତ। କୃଷି କାର୍ଯ୍ୟ ହିଁ ଅର୍ଥ ଉପାର୍ଜନ ଓ ଜୀବନ ଧାରଣର ଆଧାର।



ଓଡ଼ିଆ ଜାତିର ବୈଶିଷ୍ଟ୍ୟ ଓ ସ୍ୱତନ୍ତ୍ର ପରମ୍ପରା ଏହି ପର୍ବରେ ପ୍ରତିଫଳିତ। ବିଭିନ୍ନ ପ୍ରକାର ପିଠାପଣା କରିବା, ଝୋଟି ଓ ଚିତା ଓଡ଼ିଆ ଗୃହିଣୀର ସୃଜନୀ କଳାରେ ପରିପ୍ରକାଶ। କୃଷି କାର୍ଯ୍ୟ ଓ ଫସଲ ଉତ୍ପାଦନ ବିଶେଷ ଭାବରେ ସହଯୋଗିତା ଓ ସହଭାଗିତାର ଆବଶ୍ୟକ ହୋଇଥାଏ। ଏଣୁ ପୁରୁଷମାନଙ୍କ ମଧ୍ୟରେ ଖେଳର ଆୟୋଜ ହୋଇଥାଏ। ଏହା ଫଳରେ ହାତରେ ହାତ ମିଶାଇ, କାନ୍ଧରେ କାନ୍ଧ ମିଶାଇ ପରସ୍ପର ସହଯୋଗରେ

କରିବାର ପରମ୍ପରା ସୃଷ୍ଟି ହୋଇଛି ଓ ନିରବଚ୍ଛିନ୍ନ ଭାବେ ପାଳିତ ହୋଇ ଆସୁଅଛି। ରଜପାନ ରଜ ପର୍ବର ଏକ ସ୍ୱତନ୍ତ୍ର ଆକର୍ଷଣ। ଅନେକ ପ୍ରକାର ମସଲାରେ ସୁବାସିତ ମଧୁର ପାନଖିଲ ବା ିବା ପାଇଁ ଓଡ଼ିଆମାନଙ୍କର ଯେପରି ଅନାବିଳ ଆଗ୍ରହ, ସେହପରି ପାନ ଖାଇବାରେ ଓଡ଼ିଆମାନଙ୍କର ମଧ୍ୟ ଆବେଗର ପରିପ୍ରକାଶ ଦେଖାଯାଏ। ଏହି ପାନଖିଲ ଦେଣନେଣରେ ପରମ୍ପରା ସ୍ନେହ, ସୌହାର୍ଦ୍ଦ, ମୈତ୍ରୀ ଓ ଭାତୃଭାବର ପରମ୍ପରାକୁ ସୁଦୃଢ଼ କରିଥାଏ ।

ରଜଗୀତ ଓ ରଜଦୋଳି ଏହି ପରମ୍ପରାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ। କୁମାରୀ କନ୍ୟା ଓ ମହିଳାମାନେ ଗଛରେ ଦୋଳି ବାନ୍ଧି ଖେଳନ୍ତି। ରଜଗୀତରେ ଭଉଣୀର ଭାଇ ପ୍ରତି ସମ୍ମାନ ଓ ଆଦର  ପରିସ୍ଫୁଟ ହୋଇଥାଏ। ଝିଅମାନେ ପୁଚି ଖେଳନ୍ତି ଏବଂ ଅନ୍ୟାନ୍ୟ ଖେଳ ମଧ୍ୟ ଖେଳନ୍ତ। ନୂତନ ପୋଷାକ ପରିଧାନ ଓ ଆନନ୍ଦ ଉଲ୍ଲାସରେ ରଜପର୍ବ ତିନିଦିନ ଧରି ପାଳିତ ହୋଇଥାଏ। ଶେଷଦିନ ଭୂମି ଦହନ ଓ ବସୁମତି ପୂଜା ହୋଇଥାଏ। କ୍ରୀଡ଼ା କୌତୁକ, ଆନନ୍ଦ ଓ ଋତୁ ଉତ୍ପାଦିତ ଫଳ ଭକ୍ଷଣ  ଓ ପୌଷ୍ଟିକ ଖାଦ୍ୟ ଆଦିର  ସମନ୍ୱୟ ସ୍ୱାସ୍ଥ୍ୟପ୍ରଦ। ଓଡ଼ିଆଙ୍କର ଏହି ସ୍ୱତନ୍ତ୍ର ପର୍ବଟି ସାଂସ୍କୃତିକ ବିଭବର ବର୍ଣ୍ଣାଳୀ।

# ଖୁଦୁରୁକୁଣୀ ଓଷା

**ଜୟଶ୍ରୀ ପଟ୍ଟନାୟକ**

ଖୁଦୁରୁକୁଣୀ ଓଷା ଓଡ଼ିଶାର ଏକ ସ୍ୱତନ୍ତ୍ର ଓଷା। ଓଡ଼ିଆ ସମାଜ, ପରିବାର, ବଣିଜ ଓ ବେପାର ସହି ଦେବୀପୂଜା ମଧ ସଂପର୍କିତ। ଏହି ଓଷାର ପୃଷ୍ଠଭୂମି ସାଧବ ଘରର ଭଲମନ୍ଦ, ଦୁଃଖସୁଖ ସହିତ ଜଡ଼ିତ। ଏହା ବ୍ୟତୀତ ମା' ମଙ୍ଗଳାଙ୍କ ପୂଜା ସହିତ ସଂପର୍କିତ । ସର୍ବ ମଙ୍ଗଳମୟୀ ସର୍ବ ମଙ୍ଗଳ ପ୍ରଦାୟିନୀ ସର୍ବାର୍ଥର ସାଧିକା ଶିବାଙ୍କର ପୂଜା ଅର୍ଚ୍ଚନା। ଯାହାକି ସପ୍ତସତୀ ଚଣ୍ଡୀ ପୂଜା ସହିତ ସାମଞ୍ଜସ୍ୟ ରହିଛି। ଅଭୀଷ୍ଟ ଫଳପ୍ରାପ୍ତି ନିମି ଦୁର୍ଗାପୂଜା ଓ ସପ୍ତଶତୀ ଚଣ୍ଡୀପାଠ କରାଯାଏ। ଏହି ପୂଜାର ବିଧି ମେଧାଋଷି ଆଦିଷ୍ଟ ବିଧି ସହିତ ସଂପର୍କିତ। ନଦୀ କୂଳରେ ଦେବୀଙ୍କର ବାଲୁକା ମୂର୍ ନିର୍ମାଣ କରି ସୁରଥ ରାଜା ଓ ବୈଶ୍ୟ ଦେବୀଙ୍କୁ ପୂଜା କରି ଅଭିଷ୍ଟ ଫଳପ୍ରାପ୍ତ ହୋଇଥିଲେ। ଠିକ୍ ସେହିପରି ଏହି ଓଷା ପାଳନରେ କୁମାରୀ କନ୍ୟାମାନେ ନଦୀ କୂଳରେ ବାଲିରେ ମନ୍ଦିର ନିର୍ମାଣ କରନ୍ତି ଓ ମଙ୍ଗଳାଙ୍କୁ ସ୍ଥାପନ କରି ଫୁଲ, ଫଳ ଓ ନୈବେଦ୍ୟ ସହିତ ମା'ମଙ୍ଗଳାଙ୍କୁ ପୂଜା କରନ୍ତି। ଏହାର ଆଧାର ଆଗମ ପଦ୍ଧତି ଅନୁସୃତ।



ଦ୍ୱିତୀୟତଃ ଖୁଦୁରୁକୁଣୀ ଓଷା କଥାବସ୍ତୁ ଉତ୍କଳର ନୌବାଣିଜ୍ୟ ସଂର୍ପକିତ। ମୁଖ୍ୟତର ଧନେଶ୍ୱର ସାଧବ ଓ ତାଙ୍କର ଅଲିଅଳି କନ୍ୟା ତଅପୋଇ ବୋହୂମାନଙ୍କ କଥାହିଁ ଖୁଦୁରୁକୁଣୀ ଓଷା କଥା। ଉତ୍କଳର ନୌବାଣିଜ୍ୟ ପରମ୍ପରା ଅର୍ଥନୈତିକ ଅଭିବୃଦ୍ଧିର ସଂକେତ ଦେଇଥାଏ। ଏହା ବ୍ୟତୀତ, ଉତ୍କଳ ନୌବାଣିଜ୍ୟର ସମୃଦ୍ଧ ପରମ୍ପରା ଆନ୍ତର୍ଜାତିକ କ୍ଷେତ୍ରରେ ସୁସଂପର୍କ ପ୍ରତିଷ୍ଠା କରିପାରିଛି। ଅର୍ଥନୈତିକ ଅଭିବୃଦ୍ଧି ବା ବୈଦିକ ଧର୍ମଧାର ଚତୁର୍ବର୍ଗ ଫଳପ୍ରାପ୍ତର ମୁଖ୍ୟ ଉପାଦାନ। ତଅପୋଇ କଥାବସ୍ତୁର ମୁଖ୍ୟ ବା ର୍। "ଚକ୍ରବତ୍ ପରବ ର୍ନ୍ତି ଦୁଖାନି ଚ ସୁଖାନି ଚ" । ସମୟ ସବୁବେଳେ ସମାନ ଯାଏନି। ଆଜି ସେ ସୁନା ଚାନ୍ଦ, ସୁନା କୁଲେଇରେ ଖେଳୁଥିଲା, ରତ୍ନ ଦୋଳିରେ ଝୁଲୁଥିଲା, କାଲି ଖୁଦ ମୁଠେ ପାଇଁ ରଙ୍କୁଣୀ ହେଲା। ସବୁ ପରିସ୍ଥିତିରେ ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ରହିବା ପାଇଁ ସନ୍ଦେଶ। ଦ୍ୱିତୀୟତଃ "ପରବୁଦ୍ଧିରେ ଘର ନାଶ" ଏହି ନୈତିକ ମୂଲ୍ୟବୋଧର ମଧ୍ୟବା ର୍। ପ୍ରେରଣ କରିଥାଏ। "କର୍ମ ଅନୁସାରେ ଫଳ ତଥା ଯେଷାକୁ ତେଷା" ମଧ୍ୟ ଶିକ୍ଷା ଦେଇଥାଏ। ତଅପୋଇକୁ ହଇରାଣ କରିଥିବା ଛଅ ଭାଉଜଙ୍କର ସୁପର୍ଣଖାର ଦଶା ଭୋଗିବା ଏହାର ପ୍ରମାଣ ସଦୃଶ ବା ର୍। ପ୍ରେରଣ କରିଥାଏ।

କୁମାରୀ କନ୍ୟା ଏହି ବ୍ରତ ପାଳନ କରିବା ମୁଖ୍ୟ ଦିଗଟି ହେଲା, କନ୍ୟାଟିଏ, କିପରି ଭବିଷ୍ୟତରେ ସୁଗୃହିଣୀଟିଏ ଓ ମାଆଟିଏ ହେବ ବର୍ଷ ବର୍ଷ ଧରି ଏହି ପରମ୍ପରାରେ ପ୍ରଶିକ୍ଷିତ ହୋଇଥାଏ। ପରିବାର ଚଳେଇବା ପାଇଁ , ସମାଜରେ ଚଳିବା ପାଇଁ ଯାହାସବୁ ନୀତି , ଆଦର୍ଶ, ମୂଲ୍ୟବୋଧ ଏହି ଖୁଦୁରୁକୁଣୀ ଓଷା ପାଳନର ପରମ୍ପରାରୁ ଶିକ୍ଷା ଗ୍ରହଣ କରିଥାଏ। ମାଆଟିଏ ପ୍ରଶିକ୍ଷିତ ହେଲେ ଦେଶର ନାଗରିକକୁ ପ୍ରଶିକ୍ଷିତ କରିଥାଏ।

ଉ ମ ନାଗରିକଟିଏ ଉ ମ ପରିବାର ଉ ମ ସମାଜ ଓ ଉ ମ ରାଷ୍ଟ୍ର ଗଠନରେ ସହାୟକ ହୋଇଥାଏ। ଇଂରାଜୀରେ Povery ଟିଏ ଅଛି "train a mother, Train a Nation"।

କୁମାରୀ କନ୍ୟାମାନେ କିଛି ବର୍ଷର୍ ଧରି ଏହି ବ୍ରତ ପାଳନ କରିବା ଦ୍ୱାରା ସାମୂହିକ ଭାବେ କାର୍ଯ୍ୟର ସଂପାଦିତ ହୋଇପାରି, ସହଯୋଗ ଓ ସଦ୍‌ଭାବ କିପରି ସ୍ଥାପନ କରାଯାଇ ପାରିବ, କଳିତକରାଳ, ମନୋମାଳିନ୍ୟ ସମାଧାନ କରିବା, ନେତୃତ୍ୱ ନେବା ଓ ଉ ମ ରୂପେ ଦାୟିତ୍ୱ ନେବା ଇତ୍ୟାଦି ସଂପାଦନ କରିବାର କଳାକୌଶଳ ଶିକ୍ଷା କରିଥାଏ। ନଦୀ, ବାଲୁକା, ବିଭିନ୍ନ ଫୁଲ ଓ ଫଳ ସଂସ୍ପର୍ଶରେ ଆସିବା ପରିବେଶ ସୁରକ୍ଷା ପ୍ରତି ଆନ୍ତରିକତା ବଢ଼ାଇଥାଏ।

ଏହି ଓଷା ପାଳନରେ କୁମାରୀ କନ୍ୟାଟିଏ ବହୁ ଶିକ୍ଷା। ଲାଭ କରିଥାଏ ଓ ଭବିଷ୍ୟତ ଜୀବନଯାପନ ଧାରା ସହି ପ୍ରଶିକ୍ଷିତ ହୋଇଥାଏ। ଏହିପରି ଏକା ଓଷା ପାଳନରେ ବହୁ ମୂଲ୍ୟବୋଧ ଓ ନୀତିଶିକ୍ଷାର ସାଂସ୍କୃତିକ ଧାରା ନିହିତ ରହିଛି।

# ଶ୍ରୀରାମ ନବମୀ

**ଗୋଲକ ବିହାରୀ ଧଳ**

ଶ୍ରୀରାମ ନବମୀ ପର୍ବ ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ତିଥି ପୁନର୍ବସ ନକ୍ଷତ୍ର ଯୋଗରେ ପାଳିତ ହୋଇଥାଏ। ଏହି ପୁଣ୍ୟ ତିଥିରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଧରାବତରଣର ହୋଇଥିଲା। ଏହା ଏ ଜାତୀୟ ପର୍ବ। କୌଣସି ଅ ଳ, ଭାଷାଭାଷୀ କିମ୍ବା ଭୌଗଳିକ ପରିବେଶ ମଧ୍ୟରେ ଏହା ସିମିତ ନୁହେଁ। ରାଷ୍ଟ୍ରର ସବୁ ଅ ଳରେ ରାମନବମୀ ପର୍ବ ପାଳନ କରାଯାଏ। ଏହି ପର୍ବ ପାଳନର ପୃଷ୍ଠଭୂମି ରାମାୟଣ ଓ ମର୍ଯ୍ୟାଦା ପୁରୁଷୋ ମ ଶ୍ରୀରାମ ଆଧାର। ରାମାୟଣର ଅର୍ଥ ଶ୍ରୀରାମଚନ୍ଦ୍ରଙ୍କ ପ୍ରଦର୍ଶିତ ମାର୍ଗ । ମାନବୀୟ ମୂଲ୍ୟବୋଧ, ମାନବିକ ଅଧିକାର, ନୀତି, ଆଦର୍ଶ, ସମାଜଦ ଓ ସୃଷ୍ଟିର ସୁରକ୍ଷା ପାଇଁ ଯେଉଁ ସଂସ୍କୃତି ଓ ପରମ୍ପରାର ଆବଶ୍ୟକ ଶ୍ରୀରାମ ନବମୀ ପାଳନ ପରମ୍ପରାରେ ତାହା ପ୍ରତିଫଳିତ। କାରଣ ଏହି ଅବସରରେ ରାମାୟଣ ପାରାୟଣ ହୁଏ ଏବଂ କୋଟି ଜନମାନସରେ ରାମାୟଣର ଆଦର୍ଶ ହିଁ ଗୁଞ୍ଜରିତ ହୋଇଥାଏ। ମାନବିକ ମୂଲ୍ୟବୋଧ ହେଉଛି ଦୟା, କରୁଣା ଅହିଂସା ଭଳି ଦିବ୍ୟଗୁ। ଏହି ମୂଲ୍ୟବୋଧ ଭାବୋଚ୍ଛ୍ୱାସ ପ୍ଲାବନରୁ ରାମାୟଣ ସୃଷ୍ଟି ଓ ଏହାର ପ୍ରମାଣ ସ୍ୱରୂପ ପ୍ରଥମ ଶ୍ଳୋକ:-

**"ମା ନିଷାଦ ପ୍ରତିଷ୍ଠାଂ ତମଗମଃ ଶାଶ୍ୱତିଃ ସମାଃ।**

**ଯତ୍ କ୍ରୌ ମିଥୁନଦେକମବଧିଃ କାମ ମୋହିତମ୍।"**

ଏହି ଶ୍ଳୋକଟିର ଓଡ଼ିଆ ରୂପାନ୍ତର:

**ଆରେ ନିଷା ମୂଢ଼ ନର। ସ୍ୱଭାବେ ଅଟୁ ତୁ ନିଷ୍ଠୁର ॥**

**ତୋର ପ୍ରତିଷ୍ଠା ଲୋପ ହେଉ। ଅନନ୍ତ କାଳ ଯଶଯାଉ ॥**

**କ୍ରୌ ମିଥୁନ କାମରତ। ଏକାଳେ ବଧିଲୁ ଦୟିତା॥**

**ଏଡ଼େ ନିଷ୍ଠୁର କର୍ମକଲୁ। ସୃଷ୍ଟିରେ ଦ୍ରୋହ ତୁ ରଚିଲୁ॥**



ମାନବୀୟ ମୂଲ୍ୟବୋଧ ସହିତ ଜୈବ ବିବିଧତା ସଂରକ୍ଷଣ ସନ୍ଦେଶ ମଧ୍ୟ ଦେଇଥାଏ। ପମ୍ପାସାର ବର୍ଣ୍ଣନମ୍‌ରେ ବର୍ଣ୍ଣିତ ସୁନ୍ଦର ପରିବେଶ, ବିଭିନ୍ନ ପକ୍ଷୀ, ବୃକ୍ଷଲତା, ପ୍ରସ୍ଫୁଟିତ ପୁଷ୍ପ ସମୂହ ଇତ୍ୟାଦିର ବର୍ଣ୍ଣନା ପରିବେଶ ସୁରକ୍ଷା ବା ାର ପ୍ରେରଣା। ନୀତି, ନିଷ୍ଠା, ତ୍ୟାଗ, ସହନଶୀଳତା, ଦୟା, କରୁଣା, କ୍ଷମା,

ମର୍ଯ୍ୟାଦା, କଷ୍ଟ ସହିଷ୍ଣୁ, ନ୍ୟାୟ, ଆଦର୍ଶ, ସମଦର୍ଶିତା ଆଦି ମାନବିକ ମୂଲ୍ୟବୋଧର ପ୍ରତିପାଦ୍ୟ ବିଷୟ ହେଉଛି ରାମାୟଣ। ରାମାୟଣର ପୃଷ୍ଠଭୂମିକୁ ଆଲୋକପାତ କଲେ ଜଣାଯାଏ ଯେ, ରାମାୟଣର ସ୍ରଷ୍ଟାଦ ଆଦିକବି ବାଲ୍ମିକୀ ନାରଦଙ୍କୁ ପ୍ରଶ୍ନ କଲେ, ଏପରି ଜଣେ ବ୍ୟକ୍ତିଙ୍କର ନାମ କୁହନ୍ତୁ ମାନବିକତା ଓ ମାନବିକ ମୂଲ୍ୟବୋଧର ମୂ ିମନ୍ତ ପ୍ରତୀକ ହୋଇଥିବ। ଏହାର ଉ ରରେ ନାରଦ କହିଥିଲେ , ଦଶରଥ ପୁତ୍ର ଅଯୋଧ୍ୟା ରାଜା ଶ୍ରୀରାମଚନ୍ଦ୍ର ସର୍ବଗୁଣ ସଂପନ୍ନ, ଧର୍ମଜ୍ଞ ବିନୟୀ, କୃତଜ୍ଞ, ସତ୍ୟାନୁରଗୀ, ସତ୍‌ଚରିତ୍ର ପରାୟଣ , ସର୍ବପ୍ରାଣୀ ହିରେତରତ, ଜିତେନ୍ଦ୍ରିୟ, ଧୈର୍ଯ୍ୟବାନ, କ୍ରୋଧଶୂନ୍ୟ, ସର୍ବଜନପ୍ରିୟ, ସ୍ୱଧର୍ମ ପରାୟଣ ଆଦି ମହତ୍ ଗୁଣର ସମନ୍ୱୟ ଓ ପରି ପାଳନ ହେଉଛି ଶ୍ରୀରାମଚନ୍ଦ୍ରଙ୍କ ପ୍ରତର୍ଶିତ ମାର୍ଗର ଆଧାର।

ରାମାୟଣ ଗ୍ରନ୍ଥ ଓ ରାମାୟଣର ଗ୍ରନ୍ଥ ଚରିତ୍ର ଯଥା- କାବ୍ୟର ମୁଖ୍ୟ ନାୟକ ଶ୍ରୀରାଚନ୍ଦ୍ର ଓ ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ମାତାସୀତା, ବିଭୀଷଣ, ହନୁମାନ, ସୁଗ୍ରୀବ, ତାରା, ମନ୍ଦୋଦରୀ ସତ୍‌ଗୁଣ ଓ ସତ୍ ଚରିତ୍ର ଯୋଗୁଁ ଏକ ଆଦର୍ଶର ପରମ୍ପରା ହୋଇଛି । ଯାହା ଲୋକମୁଖରେ ସବୁ ସମୟରେ କଥିତ ଓ ପ୍ରସାରିତ ହୋଇଥାଏ।

ମାନବୀୟ ମୂଲ୍ୟବୋଧର ପରିପନ୍ଥୀ ଖଳନାୟକ ରାବଣ ଓ ତା'ର ସହଯୋଗୀ ମାନେ ନିନ୍ଦନୀୟ ହୋଇଛନ୍ତି । ରାମାୟଣର କଥାବସ୍ତୁ ସାହିତ୍ୟ ଜଗତରେ ମଧ୍ୟ ପରମ୍ପରା ରୂପେ ପ୍ରତିଭାତ ହୋଇ ଆସୁଅଛି। ଭାରତର ସବୁ ଅ ଳରେ ସମସ୍ତ ଭାରତୀୟ ଭାଷାରେ ଅନୁଦିତ ହୋଇଛି । ରାମାୟଣର ପରମ୍ପରା ଓଡ଼ିଆ ଚଳଣି ଓ ସାଂସ୍କୃତିକ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଛି। ପ୍ରତି ଗ୍ରାମରେ ରାମାୟଣ ପାଠ ହୁଏ। ପ୍ରାୟତ ପ୍ରତି ଘରେ ରାମନବମୀ ବିଧି, ପୂର୍ବକ ନିଷ୍ଠାର ସହିତ ପାଳିତ ହୋଇଥାଏ। ଭାରତ ବାହାରେ ଥାଇଲାଣ୍ଡ, କମ୍ବୋଡିଆ ଆଦି ଦେଶମାନଙ୍କରେ ରାମାୟଣର କଥା ପ୍ରତିଛବି ଏଠାରେ ଦେଖିବାକୁ ମିଳେ।

କାବ୍ୟ ସାହିତ୍ୟର ମୁଖ୍ୟ ବା ା ଶ୍ରୀରାମଚନ୍ଦ୍ରଙ୍କ ପ୍ରଦର୍ଶିତ ଚଳଣି, ଆଚାର, ମାର୍ଗ ଆଧାରିତ ହେବା ଉଚିତ୍ ରାବଣର କାର୍ଯ୍ୟକଳାପ ପରି ନୁହେଁ। କାବ୍ୟର ପ୍ରୟୋଜନ ନିର୍ଦ୍ଧାରଣ ପୂର୍ବକ ପୂର୍ବଶୂରୀମାନେ ଏକ ଥା କହିଛନ୍ତି। ଏହା ଏକ କାଳଜୟୀ ପରମ୍ପରା ହେବ। ଏ କଥା ରାମାୟଣ ସମ୍ବନ୍ଧରେ କୁହାଯାଇଛି:

**ଯାବତ୍ ସ୍ଥାସ୍ୟନ୍ତି ଗିରୟଃ ସରତିଶ୍ଚ ମହୀତଳେ**

**ତାବତ ରାମାୟଣ କଥା ଲୋକେଷ ପ୍ରଚରିଷ୍ୟତି।**

# ମାଣବସା

**ଅଧ୍ୟାପିକା ସୌଦାମିନୀ ବେହେରା**

ଶ୍ରୀମଦ ଭାଗବଦ୍ ଗୀତାରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ଯେ, ମାସମାନଙ୍କ ମଧ୍ୟରେ ମୁଁ ହେଉଛି ମାର୍ଗଶୀର ମାସ । ମାର୍ଗଶୀର ମାସ ଶ୍ରେଷ୍ଠ ଓ ବିଷ୍ଣୁ ସ୍ୱରୂପ। ଏହି ମାସରେ ଜଗନ୍ମାତା ମହାମାୟୀ ଲକ୍ଷ୍ମୀଙ୍କର ପୂଜା ହୁଏ । ମାତା ଲକ୍ଷ୍ମୀ ଅନ୍ନଦାତ୍ରୀ ଲକ୍ଷ୍ମୀଙ୍କର ପ୍ରତୀକ ସ୍ୱରୂପ ମାଣ ବସିଥାଏ। ଏଣୁ ମାର୍ଗଶୀର ମାସ ଲକ୍ଷ୍ମୀ ପୂଜାକୁ ମାଣବସା କୁହାଯାଏ। ମାର୍ଗଶୀର ମାସ ଗୁରୁବାର ଦିନ ଏହି ଲକ୍ଷ୍ମୀ ପୂଜା ପାଳିତ ହୋଇଥାଏ।

ଲକ୍ଷ୍ମୀଙ୍କ ପୂଜା ଓ ଆବାହନ ବୈଦିକ ସାହିତ୍ୟ ଶ୍ରୀସୂକ୍ତରେ ରହିଛି। ଅତଏବ,ଏହି ପୂଜା ପରମ୍ପରା ବୈଦିକ



କାଳରୁ ରହି ଆସିଅଛି। କିନ୍ତୁ, ଲକ୍ଷ୍ମୀପୂଜା ମାଣବସା ନାମରେ ଓଡ଼ିଶାର ସଂସ୍କୃତି ଚଳଣିର ପରମ୍ପରା ହୋଇଛି। ପ ସଖ ଯୁଗର ବୈଷ୍ଣବ କବି ବଳରାମ ଦାସ ଲକ୍ଷ୍ମୀପୁରାଣ ରଚନା କରିଛନ୍ତ। ମାଣବସାର ପ୍ରତିପାଳିରେ ଏହି ପୁରାଣ ପଠିତ ହେଉଛି। କବି ବଳରାମ ଦାସ ଓଡ଼ିଶାର ସଂସ୍କୃତ ଓ ଚଳଣିରେ ନାରୀର ଅଧିକାର, ସମ୍ମାନ, ସମଦର୍ଶିତା, ଭେଦଭାବ ଦୂରୀକରଣ, ଏକତ୍ୱବୋଧ ଆଦି ମୂଲ୍ୟବୋଧର ମହନୀୟତା ଆଦି ସଂଯୋଗ କରିଛନ୍ତି। ପ୍ରତିଟି ଗୃହରେ ଏବଂ ପ୍ରତିଟ ଜନମାନସରେ ଏହି ମହନୀୟତାର ମହାମନ୍ତ୍ର ପ୍ରତିଧ୍ୱନିତ ହେଉଛି।

ଓଡ଼ିଶାର ସଂସ୍କୃତିରେ ନାରୀମାନଙ୍କୁ ଗୃହଲକ୍ଷ୍ମୀର ମାନ୍ୟତା ଓ ମର୍ଯ୍ୟାଦା ଦିଆଯାଇଛି। ଲକ୍ଷ୍ମୀଙ୍କର ବାସସ୍ଥଳୀ ରଚିମନ୍ତ, ଶୁଚିମନ୍ତ ଓ ସରସ ସୁନ୍ଦରମୟ। ଯେଉଁଠି ପରିବେଶର ପବିତ୍ରତା ନଥାଏ, ସେହି ସ୍ଥାନକୁ ଲକ୍ଷ୍ମୀ ଛାଡ଼ ଚାଲିଯାନ୍ତ। ଗୃହର ପରିବେଶ, ଶାନ୍ତି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ, ସାତ୍ତ୍ୱିକ ଓ ପରିଷ୍କାର ପରିଚ୍ଛନ୍ନ, ସ୍ୱଚ୍ଛ ଓ ସୁନ୍ଦର। ଏହି ପରମ୍ପରା ଲକ୍ଷ୍ମୀ ପୁରାଣ ଓ ଲକ୍ଷ୍ମୀ ପୂଜା ମାଧ୍ୟମରେ ଜନମାନସରେ ବା ି ହୋଇଥାଏ। ଶ୍ରୀୟା ଚଣ୍ଡାଳୁଣୀ ଘରକୁ ମାତା ଲକ୍ଷ୍ମୀଙ୍କର ଗମନ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସାଂସ୍କୃତିକ ମୂଲ୍ୟବୋଧକୁ ଓ ପରମ୍ପରାକୁ ଗୁରୁତ୍ୱ ଦିଆଯାଇଛ। ଶ୍ରୀୟା ଚଣ୍ଡାଳୁଣୀର ଲକ୍ଷ୍ମୀ ପୂଜା ଲକ୍ଷ୍ମୀଙ୍କର ଆଶୀର୍ବାଦ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମାନତା ଓ ସମଦର୍ଶିତାର ବା ୀ ବହନ କରେ। ବଡ଼ ଠାକୁ ଏହାର ପ୍ରତିବାଦ କରିବାରୁ ଲକ୍ଷ୍ମୀ ଠାକୁରାଣୀ ଶ୍ରୀମନ୍ଦିର ଛାଡ଼ି ଚାଲିଯାଇଛନ୍ତି। ଏକ ସୁସ୍ଥ ବଳିଷ୍ଠ ସୁସଂହତ ସମାଜ ଓ ସଂସ୍କୃତିର ସପକ୍ଷରେ ଦୃଢ଼ ସ୍ୱର ଉ ୋଳନ କରିବା ପାଇଁ ସମଗ୍ର ନାରୀଜାତି ପାଇଁ ଏହା ଏକ ସନ୍ଦେଶ। କେବଳ ମହତ କାର୍ଯ୍ୟ ସପକ୍ଷରେ ସ୍ୱର ଉ ୋଳନ କରିଦେଲେ ହେବନାହିଁ; ପ୍ରଥମେ ନିଜେ ଓ ନିଜ ଘରେ ବାସ୍ତବରେ ପ୍ରୟୋଗ କରି ଦେଖାଇଲେ ତାହା ଏକ ପରମ୍ପରାରେ ପରିଣତ ହୋଇଥାଏ ଏବଂ ମହାନ୍ ସଂସ୍କୃତିର ଧାରା ସୃଷ୍ଟି କରିଥାଏ। ଏହି ବାସ୍ତବିକତାର

ଆଦର୍ଶ ଓ ମାର୍ଗ ଲକ୍ଷ୍ମୀ ଠାକୁରାଣୀ ଦେଖାଇଛନ୍ତି। ମନ୍ଦିରରେ ପ୍ରବେଶ କରିବା ପାଇଁ ଏ ସଂପର୍କରେ ସ ର୍ଭ ରଖିଛନ୍ତି:

**"ଜଗତ ମାତା ବୋଇଲେ ତୁମ୍ଭେ କର ସତ୍ୟ**

**ଚଣ୍ଡାଳ ବ୍ରାହ୍ମଣ ଯାଏ ଖୁଆଖୋଇ ହେବ।**

**ସମସ୍ତେ ଖାଇବା ହସ୍ତ ଜଳେ ନ ଧୋଇବେ**

**ହାଡ଼ିର ହସ୍ତୁ ବ୍ରାହ୍ମଣ ଛଡ଼ାଇ ଖାଇବେ।**

ଏହି ବା ର୍ତ୍ତା ହିଁ ଅମର ପରମ୍ପରା, ଆମର ସଂସ୍କୃତି। ଏହା ହିଁ ଶାନ୍ତି,ମୈତ୍ରୀ, ସଂହତି, ମୂଲ୍ୟବୋଧ, ଐକ୍ୟ, ସମଦର୍ଶୀତାର ସଂସ୍କୃତି ଓ ଆମ ପାର୍ବଣର ପରମ୍ପରା।

ଗୃହଲକ୍ଷ୍ମୀ ହିସାବରେ ସବୁ ଦୃଷ୍ଟିରୁ ସଜାଡ଼ି ନେବା ନାରୀର କ ର୍ତ୍ତବ୍ୟ। ଘରଟିକୁ ବୈକୁଣ୍ଠ ସମାନ କରିବା ପାଇଁ ଲକ୍ଷ୍ମୀ ପୁରାଣରେ କୁହାଯାଇଛି :

**ଗୁରୁବାରେ ଯେଉଁ ନାରୀ ପିଲାଙ୍କୁ ମାରଇ ।**

**କିମ୍ବା ପାକହାଣ୍ଡି ଧୋଇ କଳା ନ ଛାଡ଼ଇ।**

**ସନ୍ଧ୍ୟା ଗଡ଼ିଗଲେ ଯେ ଦିଅଇ ସନ୍ଧ୍ୟାବତୀ।**

**ଧନ ପୁତ୍ର ହାନି ହୁଏ ସଦା ବହୁ କ୍ଷତି।**

# ଦୀପାବଳୀ

**ପ୍ରବୋଧ କୁମାର ହୋତା**

ଦୀପାବଳୀ ପର୍ବ କୌଣସି ଗୋଷ୍ଠୀ,ଧର୍ମ, ଜାତି, ସଂପ୍ରଦାୟ, ଅ  ଳ ବା ରାଷ୍ଟ୍ର ମଧ୍ୟରେ ସୀମିତ ନୁହେ । ଦୀପାବଳୀ ଏକ ସାର୍ବଜନୀନ ଓ ଅନ୍ତରାଷ୍ଟ୍ରିୟ ପର୍ବ । ହିନ୍ଦୁମାନେ ଏବଂ ଜୈନମାନେ ମଧ ଏହି ପର୍ବ ପାଳନ କରନ୍ତି । ଭାରତର ସବୁରାଜ୍ୟର ଏବଂ ସବୁ ବର୍ଗର ଲୋକମାନେ ଏହି ପର୍ବକୁ ପାଳନ କରିଥାନ୍ତି । ମରସିସ୍ ଅଷ୍ଟ୍ରେଲିଆ, ଜାପାନ, ମାଲେସିଆ, ଦକ୍ଷିଣ ଆଫ୍ରିକା, ଥାଇଲାଣ୍ଡ, ନେପାଳ ଓ ସିଙ୍ଗାପୁର ଓ ମାଲେସିଆରେ ଦୀପାବଳୀ ପାର୍ବତୀ ଅବସରରେ ସରକାରୀ ଛୁଟି ଘୋଷିତ ହୋଇଥାଏ । ଅନ୍ତଃରାଷ୍ଟ୍ରିୟ ସ୍ତରରେ ଏହି ପର୍ବର ପାଳନ ବିଶ୍ୱବାସୀଙ୍କ ମନରେ-ସହଯୋଗ, ଐକ୍ୟ ଓ ବିଭିନ୍ନ ଅ  ଳର ପାର୍ବତୀ ପ୍ରତି ସମ୍ମାନ ବଢ଼ାଇଥାଏ ।

ଦୀପାବଳୀ ପର୍ବର ମୁଖ୍ୟ ଆକର୍ଷଣ ଅନ୍ଧାର ରାତ୍ରିରେ ସଜ୍ଜିତ ଦୀପମାଳାର ପ୍ରକାଶ । ଜ୍ୟୋତିର  ପ୍ରକାଶ, ଆଲୋକର ବିତରଣ । ବର୍ଣ୍ଣାଳୀ  ଆତସବାଦୀର ସ୍ଫୁରଣ । ଅତଏବ, ଦୀପାବଳୀ ବୈଦିକ ଦର୍ଶନର ସଂକେତ ପ୍ରତୀକ ବିହନ କରେ



**ଅସ ତୋ ମା ସଦ୍‌ଗମୟ**

**ତମସୋ ମା ଜ୍ୟୋତିର୍ଗମୟ**

**ମୃତ୍ୟୋର୍ମ ଅମୃତଂ ଗମୟ**

ଅସତରୁ ସତ୍, ଅଜ୍ଞାନ ଅନ୍ଧକାରରୁ ନିଷ୍ତ୍ରାନ୍ ଓ ଜ୍ଞାନଲୋକର ଉଦ୍‌ଭାଷିତ ଓ ବିନଷ୍ଟରୁ ଅତିକ୍ରାନ୍ତ ଓ ବିକାଶ ପଥର ପଥିକ । ବ୍ୟଷ୍ଟି, ସମୃଷ୍ଟି ଓ ବିଶ୍ୱନାଥର ସନ୍ଦେଶ ବହନ କରେ ଦୀପାବଳୀ ପର୍ବ । ଦୀପାବଳୀ ପୌରାଣିକ ପୃଷ୍ଠଭୂମିରେ ଆଧାରିତ । ଶ୍ରୀରାମଚନ୍ଦ୍ରଙ୍କ ଅଯୋଧ୍ୟା ପ୍ରତ୍ୟାବ  ନ ସ୍ୱାଗତ ସମ୍ବର୍ଦ୍ଧନା, ଆଦର୍ଶ ରାମବଳୀ ଏହି ଦିନ ପାତାଳରୁ ମର୍ତ୍ତ୍ୟକୁ ଆସି ପ୍ରଜାମାନଙ୍କ ସମସ୍ୟା, ସୁଖ, ଦୁଃଖ ଶୁଣିବା ସହିତ ପ୍ରତିକାର ମଧ କରନ୍ତି ।। ଏଣୁ ମ  ୍ୟବାସୀ ଆନନ୍ଦରେ ବଳିରାଜାଙ୍କୁ ଏହି ଦିନ ଦୀପ ମାଳାର ଉଚ୍ଛ୍ୱସିତ ସ୍ୱାଗତ- ସମ୍ବର୍ଦ୍ଧନା ଜଣାଇଥାନ୍ତି । ନାରକାସୁର ଭୟରେ ପୃଥିବୀ ବାସୀ ଆଲୋକ ଜାଳିବାରୁ ବ  ୍ତ ହୋଇ ଦୁଃଖରେ କାଳାତିପାତ କରୁଥିଲେ । ଏହି ଦିନରେ ନାରାକାସୁର ବଧ ପରେ ଆନନ୍ଦରେ ଦୀପ ଜାଳିଥିଲେ ।

ଦୀପାବଳୀ ଧର୍ମ, ଅର୍ଥ, କାମ, ମୋକ୍ଷ ଚତୁର୍ବର୍ଗ ଫଳପ୍ରାପ୍ତି ସାଧନାର ବର୍ଗ । ଦୀପାବଳୀ ଅବସରରେ ଧନନ୍ଦା ତ୍ରୟୋଦଶୀ ପାଳିତ ହୋଇଥାଏ । ଉ  ର ଭାରତର ବ୍ୟବସାୟୀମାନେ ଦୋକାନକୁ ସଜାଇ ବ୍ୟବସାୟର ଉନ୍ନତି ଆଣିଥାନ୍ତି । ଦୀପାବଳୀ ବାସୀ ଦିନ ଗୋବର୍ଦ୍ଧନ ପୂଜା ହେଇଥାଏ । ଏହି ଗୋବର୍ଦ୍ଧନ ପର୍ବତ ପୂଜା ପରିବେଶ ପ୍ରାକୃତିକ ଉପାଦାନର ସୁରକ୍ଷାର ପ୍ରତୀକ । ଭୂମିର ଉତ୍ପାଦିକା ଶକ୍ତିର ଆଧାର ହେଉଛି ପର୍ବତ । ପର୍ବତରୁ ନଦୀ ବିସ୍ତୃତ ହୋଇ ପୃଥିବୀକୁ ବୃକ୍ଷ ଲତା ଓ ଶସ୍ୟ ଶାଳିନୀ କରିଥାଏ । ଦୀପାବଳୀର ଦୁଇଦିନ ପରେ ଯମ ଦ୍ୱିତୀୟା ବା ଭ୍ରାତୃ ଦ୍ୱିତୀୟା ପାଳିତ ହୋଇଥାଏ । ଭାଇମାନଙ୍କ ପାଇଁ ଭଉଣୀମାନେ ଏହି ପୂଜାପାଳନ କରନ୍ତି ଏବଂ ଭଉଣୀ ଘରକୁ ଭାର ନେଇ

ଯାଆନ୍ତି। ଏହା ଫଳରେ ଭାଇ ଭଉଣୀ ଓ ଦୁଇଟି ପରିବାର ମଧରେ ସୌହାର୍ଦ୍ଦ୍ୟ ବୃଦ୍ଧି ହୋଇଥାଏ। ମାରଓ୍ୱାଡି ସଂପ୍ରଦାୟର ଲୋକମାନେ ବିଭିନ୍ନ ସଂପ୍ରଦାୟ ଓ ଜାତିର ଘରକୁ ଯାଇ ମିଷ୍ଟାନ୍ନ ବ ନ କରିଥାନ୍ତି, ବୟୋଜ୍ୟେଷ୍ଠ ଲୋକଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରିଥାନ୍ତି। ଅନ୍ୟ ସଂପ୍ରଦାୟର ଲୋକମାନେ ମଧ ମାରଓ୍ୱାଡି ଘରକୁ ଆସିଥାନ୍ତି। ଦୀପାବଳୀ ଅବସରରେ ଏହି ପ୍ରକାର ପରମ୍ପରା ସମାଜର ସହଯୋଗ, ସଦ୍‌ଭାବନା ଓ ମୈତ୍ରୀର ସଂପର୍କକୁ ସୁଦୃଢ଼ କରିଥାଏ।

ଦୀପାବଳୀ ଦିନ ପାର୍ବଣଶ୍ରାଦ୍ଧ କରାଯାଏ। ପିତୃପୁରୁଷଙ୍କୁ ପିଣ୍ଡଦାନ କରାଯାଇଥାଏ। ଆଲୋକ- ଦେଖାଇ ସେମାନଙ୍କୁ ଡ଼କା ଯାଇଥାଏ ଏବଂ କୁହାଯାଇଥାଏ ଦିବ୍ୟ ଆଲୋକରେ ଆଜିର ଏହି ପବିତ୍ର ଦିବସରେ ପିତୃ ଲୋକଙ୍କୁ ଗମନ କରନ୍ତୁ ବୋଲି କୁହାଯାଇଥାଏ। ବୈଦିକ ପରଂପରା ପିତୃଯଜ୍ଞର ଏହା ଏକ ଅନୁସୃତ ଧାରା। ପିତୃ ପୁରୁଷଙ୍କ ପ୍ରତି କୃତଜ୍ଞତା ଜ୍ଞାପନ ଏବଂ ସେମାନଙ୍କର ମହନୀୟ ଗୁଣାବଳୀ ଓ ଆଦର୍ଶ ପରମ୍ପରାକୁ ଉଜ୍ଜୀବିତ ରଖିଥାଏ।

ଦୀପାବଳୀ ପର୍ବ ପାଳନ ପରମ୍ପରା ପରିବାର ଠାରୁ କରି ବିଶ୍ୱସ୍ତରରେ ଐକ୍ୟ ସହିତ ଓ ସୌହାର୍ଦ୍ଦ୍ୟର ବାତାବରଣ ସୃଷ୍ଟି କରିଥାଏ। ଦୀପର ଶୁଭ୍ରଜ୍ୟୋତିକୁ ପରଂବ୍ରହ୍ମ ରୂପେ ସମ୍ବୋଧନ କରାଯାଇଛି। ଅଗ୍ନିସ୍ତୁତିରୁ ବେଦର ଆରମ୍ଭ।

# ମହାବିଷୁବ ସଂକ୍ରାନ୍ତି

**ଶରତ ସାହୁ**

ମହାବିଷୁବ ସଂକ୍ରାନ୍ତିଠାର ଓଡ଼ିଶାରେ ବର୍ଷ ଆରମ୍ଭ ହୁଏ।  ବିଷୁବ  ସଂକ୍ରାନ୍ତି ପଣା ସଂକ୍ରାନ୍ତି ରୂପେ ପାଳନ କରାଯାଏ। ବିଷୁବ ସଂକ୍ରାନ୍ତି। ବିଷୁବ ସଂକ୍ରାନ୍ତି। ବିଷୁବ ସଂକ୍ରାନ୍ତି ଦିନ ଝାମୁଯାତ୍ରା ଓ ଦଣ୍ଡଯାତ୍ରାର ଉଦ୍‌ଯାପନ ହୋଇଥାଏ। ଝାମୁ ଯାତ୍ରା ଓ ଦଣ୍ଡ ଯାତ୍ରା ଚୈତ୍ର ମାସରେ ଆରମ୍ଭ ହୋଇଥାଏ। ଯେଉଁମାନେ ଝାମୁବ୍ରତ ପାଳନ କରନ୍ତି ସେମାନଙ୍କୁ ପାଟୁଆ କୁହାଯାଏ। ଝାମୁଯାତ୍ରା ଦେବୀ ପୂଜାର ପରଂପରା। କେଉଁ କେଉଁ ଅ  ଳରେ ମାତା ମଙ୍ଗଳାଙ୍କ ପୂଜା ଉଦ୍ଦେଶ୍ୟରେ ବ୍ରତ ଧାରଣ କରନ୍ତି ତ, ଅନ୍ୟ କେଉଁ ଅ  ଳରେ ପାର୍ବତୀଙ୍କ ପୂଜା ଉଦ୍ଦେଶ୍ୟରେ ବ୍ରତ ଧାରିଣୀ କରନ୍ତି। ପାଟୁଆମାନେ ଏହି ବ୍ରତଧାରଣ କରି ଦେବୀଙ୍କ ଆଦେଶ ନେଇ ବିଭିନ୍ନ ସ୍ଥାନ ଭ୍ରମଣ କରି ଦେବୀଙ୍କ ମହିମା ପ୍ରଚାର କରନ୍ତି । ବିଷୁବ ସଂକ୍ରାନ୍ତି ଦିନ ବ୍ରତ ଉଦ୍‌ଯାପନ କରନ୍ତି। ବ୍ରତ ଉଦ୍‌ଯାପନ ଅବସରରେ ଅନେକ ଅ  ଳରେ ଯାତ୍ରା ହୁଏ। ଏହି ଯାତ୍ରାକୁ ଝାମୁଯାତ୍ରା କୁହାଯାଏ। ଏହି ଝାମୁଯାତ୍ରା ଏକ ଗୋଷ୍ଠିଭି ିକ ଯାତ୍ରାର। କେତେକ କ୍ଷେତ୍ରରେ ଗୋଟିଏ ଗାଁର ଲୋକମାନେ ଏହି ଯାତ୍ରା ଆୟୋଜନ କରିଥାନ୍ତି ତ, କେତେକ ଅ  ଳରେ ମିଳିତ ସହଯୋଗରେ ଏହି ଯାତ୍ରା ସଂପାଦିତ ହୁଏ। ଆଖପାଖ ଅ  ଳର ଲୋକମାନେ ଆସି ଯାତ୍ରାରେ ଯୋଗ ଦିଅନ୍ତି।

ଚୈତ୍ରମାସ ଠାରୁ ସୂର୍ଯ୍ୟଙ୍କ ଉ  ାପ ବଢ଼ିବାକୁ ଲାଗେ। ବୈଶାଖ ଓ ଜ୍ୟେଷ୍ଠ ଦୁଇମାସ ଗ୍ରୀଷ୍ମ ଋତୁ । ମନୁଷ୍ୟମାନଙ୍କ ଅସହ୍ୟ ଗ୍ରୀଷ୍ମରେ ଜୀବନଯାତ୍ରା ଚଳାଇନେବାକୁ ହୁଏ।

ଏଣୁ ଗ୍ରୀଷ୍ମ ଋତୁ ର ପ୍ରଚଣ୍ଡ ରୌଦ୍ରର ସମ୍ମୁଖୀନ ହୋଇ ଜୀବନଯାତ୍ରା ଚଳାଇବା ପାଇଁ ବିଶେଷ କରି ଶ୍ରମଜୀବୀ ଲୋକମାନେ ସୂର୍ଯ୍ୟଙ୍କ ପ୍ରଖର ଉ  ାପ ସହିବା ପାଇଁ ଚୈତ୍ରମାସରୁ ହିଁ ଆରମ୍ଭ କରିଥାନ୍ତି। ଦଣ୍ଡ ଯାତ୍ରା ଓ। ଝାମୁଯାତ୍ରାରେ ଏହି ପରମ୍ପରା ପରିଲକ୍ଷିତ ହୋଇଥାଏ। ଋତୁର ପ୍ରଭାବ ପରିବେଶ ସହିତ ଖାପଖୁଆଇ ଚଳିବା ପାଇଁ ଦେହରେ ଜଳର ଅଭାବ ଦୂର କରିବା ପାଇଁ  ଅଧିକ ଜଳପାନର ଆବଶ୍ୟକତାକୁ ମେ  ।ଇବା ପାଇଁ ପଣା ପରମ୍ପରା ଆରମ୍ଭ ହୋଇଥାଏ। ଏଣୁ ମେଷ ସଂକ୍ରାନ୍ତିକୁ ପଣା ସଂକ୍ରାନ୍ତି ମଧ୍ୟ କୁହାଯାଏ। ପଣା ସଂକ୍ରାନ୍ତି ଦିନ ବେଲ, କଦଳୀ, ଚିନି, ନବାତ ଆଦି ସମିଶ୍ରିତ କରି ପଣା ପ୍ରସ୍ତୁତ ହୋଇଥାଏ ଏବଂ ଗ୍ରାମ ଓ ସାଇ ପଡିଶାରେ ବ  ।ଯାଇଥାଏ। ଏହା ଶରୀରର ଜଳର ଆବଶ୍ୟକତାକୁ ପୂରଣ କରିବା ସହିତ ଆବଶ୍ୟକୀୟ ପୌଷ୍ଟିକ ଉପାଦାନ ମଧ୍ୟ ଯୋଗାଇଥାଏ। ତୁଳସୀ ଗଛରେ ଜଳ ଘଟ ବାନ୍ଧିବା ବୃକ୍ଷଲତାକୁ ଜଳ ପ୍ରଦାନ କରିବା ସୂଚାଇଥାଏ। ଏହି ଦିନ ଠାରୁ ଲୋକମାନେ ଗାଁ ରେ, ସାହିତର, ନିଜ ବାରଣ୍ଡାରେ ଜଳପାତ୍ର ରଖି ଜଳଦାନ କରିଥାନ୍ତି। ଜଳଦାନ ମହାପୁଣ୍ୟ ବୋଲି ଉତ୍କଳୀୟ  ସଂସ୍କୃତିରେ କୁହାଯାଇଛି।



# ଦଶହରା

**ଦିଲ୍ଲୀପ କୁମାର ବେହୁରା**

ଦଶହରା ଭାରତ ବର୍ଷର ଏକ ଜାତୀୟ ପର୍ବ। ଭାରତର ପ୍ରତି ଅ ଳରେ ଦଶହରା ପର୍ବ ପାଳିତ ହୋଇଥାଏ। ଆଶ୍ୱୀନ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ଦଶହରା ପର୍ବ ପାଳିତ ହୋଇଥାଏ। ଦଶହରା ଶବ୍ଦଟିର ପାରିଭାଷିକ ଅର୍ଥ ହେଲା " ଦଶ ବିଧାନି ଦଶ ଜନ୍ମ କୃଣନି ବା ପାପାନି ହରତି ଇତି ଦଶହରା" ଦଶ ପ୍ରକାର ପାପ ଦଶ ଜନ୍ମରେ କୃତ ପାପ ହରଣ କରୁଥିବା ଦିବସଟିକୁ ଦଶହରା କୁହାଯାଏ। ଶାସ୍ତ୍ର ବର୍ଣ୍ଣିତ ଦଶ ପ୍ରକାର ପାପ ହେଉଛି- ତିନି ପ୍ରକାର ଶାରୀରିକ ପାପ, ଚାରି ପ୍ରକାର ବାଚନକ ପାପ ଓ ତିନି ପ୍ରକାର ମାନସିକ ପାପ। ପାପର ପ୍ରୟୋଗତ୍ମକ ଅର୍ଥ ହେଲା "ପାତି ରକ୍ଷତି ଅସ୍ମାତ୍ ଆତ୍ମନମ୍" ପ୍ରତି ମନୁଷ୍ୟ ଯେଉଁ କାର୍ଯ୍ୟ ଠାରୁ ନିଜକୁ ଦୂରେଇ ରଖିବା ଉଚିତ୍ ସେହି କାର୍ଯ୍ୟ ହିଁ ପାପ କର୍ମ । ପାପ କର୍ମରୁ ନିଜକୁ ଦୂରେଇ ରଖିବା ଭାରତୀୟ ସଂସ୍କୃତିର ପରମ୍ପରା । ଅନୁଚିତ କର୍ମର ବିଲୋପ ହିଁ ପରିବାର, ସମାଜ ଓ ରାଷ୍ଟ୍ରରେ ଶାନ୍ତି, ସଂହତି ଐକ୍ୟ ସ୍ଥାପନ କରିଥାଏ।

ତିନି ପ୍ରକାର ଶାରୀରିକ ପାପ ହେଲା ଚୋରୀ ଓ ଅପହରଣ, ପରସ୍ତ୍ରୀଗମନ ଓ ହିଂସା ଆଚରଣ। ଚାରି ପ୍ରକାର ବାଚନକ ପାପ ହେଲା- ନିଷ୍ଠୁର ଭାଷା ପ୍ରୟୋଗ କରିବା, ମିଥ୍ୟା କହିବା, ଅନୁଚିତ ଓ ଅସଙ୍ଗତ କଥା କହିବା ଓ ଅଯଥା ତର୍କ ବିତର୍କ କରିବା। ତିନି ପ୍ରକାର ମାନସିକ ପାପହେଲା- ପରଦ୍ରବ୍ୟ ଅପହରଣ ଚିନ୍ତା କରିବା, ଅନ୍ୟର କ୍ଷତି ଚିନ୍ତା କରିବା ଏବଂ ପରନିନ୍ଦା ଓ ଅନିଷ୍ଟକର କଥା ମନକୁ ଆଣିବା। ଦଶହରା ପର୍ବରେ ନିହିତ ଥିବା ଏହି ମାନବିକ ମୂଲ୍ୟବୋଧ ଭାରତୀୟ ସଂସ୍କୃତିର ଧାରା ଓ ପରମ୍ପରା ଦଶହରା ପର୍ବର ପାଳନ ଦୁର୍ଗାପୂଜା ଓ ମହିଷାସୁର ନିଧନ। ଏହି ପର୍ବର କଥାବସ୍ତୁ ମାର୍କଣ୍ଡେୟ ପୁରାଣ ଓ ରାମାୟଣ ଆଧାରିତ। ଦଶହରାକୁ ବିଜୟା ଦଶମୀ ରୂପେ ପାଳନ କରାଯାଏ। ପ୍ରବଳ ପ୍ରତାପି ମହିଷାସୁର ଓ ଲଙ୍କାପତି ରାବଣ ଉପରେ ବିଜୟ। ଏହାର ପ୍ରତୀକାତ୍ମକ ପରିପ୍ରକାଶ ହେଲା ଆସୁରିକ ପ୍ରବୃ ିର ବିନାଶ ଓ ଦିବ୍ୟତ୍ୱର ବିକାଶ। ଦୁର୍ଗତିନାଶିନୀ ଦେବୀ ଦୁର୍ଗା ନାରୀ ଶକ୍ତିର ପ୍ରତୀକ। ନାରୀ ଶକ୍ତିର ଜାଗରଣ ହିଁ ସମାଜରୁ ଦୁର୍ଗତି ନାଶ କରିପାରେ ଓ ଦିବ୍ୟତ୍ୱର ପରିପ୍ରକାଶ କରିପାରେ। ଏହି ପରମ୍ପରାରେ ପାଳନ ସମାଜରେ ନାରୀ ପ୍ରତି ମର୍ଯ୍ୟାଦା ଓ ସମ୍ମାନ ପ୍ରଦାନର ମାନସିକତା ଜାଗ୍ରତ କରିଥାଏ।

ଦୁର୍ଗାପୂଜା ଦୁଇଟି ଅବସରରେ ପାଳନ କରାଯାଇଥାଏ। ଆଶ୍ୱୀନ ମାସ ଶୁକ୍ଳ ପକ୍ଷରେ ଅନୁଷ୍ଠିତ ଦୁର୍ଗା ପୂଜାକୁ ଶାରଦୀୟ ଦୁର୍ଗାପୂଜା କୁହାଯାଏ। ଚୈତ୍ରମାସ ଶୁକ୍ଳପକ୍ଷରେ ପାଳିତ ଦୁର୍ଗାପୂଜାକୁ ବାସନ୍ତିକ ଦୁର୍ଗାପୂଜା କୁହାଯାଏ।

ଦଶହରା ପାର୍ବଣରେ ତାତ୍ପର୍ଯ୍ୟ ହେଲା ସମସ୍ତ ପ୍ରକାର ଅନୁଚିତ୍ କର୍ମରୁ ନିବୃ ରହିବ। ସତ୍କର୍ମରେ ବ୍ରତୀ ହେବା। ଦଶହରା ପର୍ବ ଏକ ଗୋଷ୍ଠିଭି ିକ ପର୍ବ ହୋଇଥିବାରୁ ସମାଜରେ ଶାନ୍ତି, ସଦ୍ଭାବ, ଐକ୍ୟ ଓ ସଂହତି ସୁରକ୍ଷାରେ ସହାୟ ହୋଇଥାଏ।

ଦଶହରା ଦିନ ରାଜ୍ୟର ସମସ୍ତ ପରିବାରରେ ନିଜ ନିଜର  ପେଷା ଓ ବୃ ି ଭି ି କ ଉପକରଣ ପୂଜା କରାଯାଇଥାଏ । ବ୍ରାହ୍ମଣ ଓ କରଣମାନେ ବହିପତ୍ର, ଲେଖନି ପୂଜା କରିଥାନ୍ତି, ଖଣ୍ଡାୟତମାନେ ଅସ୍ତ୍ରଶସ୍ତ୍ର ପୂଜା କରିଥାନ୍ତି ଓ ଅଶ୍ୱ ପରିଚାଳନା କୌଶଳ ପ୍ରଦର୍ଶନ କରିଥାନ୍ତି। ଏହି ପରି ଏକ ପରମ୍ପରା ପାର୍ବଣ ଅବସରରେ ପାଳିତ ହେଉଥିବାରୁ ପାରମ୍ପରିକ ଜ୍ଞାନ କୌଶଳ ଉଜ୍ଜୀବିତ ରହିଥାଏ।

ଖୋର୍ଦ୍ଧା ଜିଲ୍ଲା ମାଣିକଗଡ଼ ଗ୍ରାମର ଦଶହରା ପାଳନ ପରମ୍ପରାର ଏକ ସ୍ୱତନ୍ତ୍ରତା ରହିଛି । ଏକ ମୁସଲମାନ ବ୍ୟକ୍ତି ଦେବୀଙ୍କ ଖଣ୍ଡା ଧରି ଦେବୀଙ୍କ ପୂଜା କରିଥାଏ। ହିନ୍ଦୁ  ସଂପ୍ରଦାୟର ଲୋକମାନେ ଏହାକୁ ଅକୁଣ୍ଠିତ ସମର୍ଥନ ଜଣାଇଥାନ୍ତି। ଏହା କେବଳ  ଭାରତ ନୁହେଁ,  ସମଗ୍ର ବିଶ୍ୱ ପାଇଁ  ଐକ୍ୟ ଓ ସଂହତି ମହାମନ୍ତ୍ରର ବାସ୍ତବ ଉଦାହରଣ।

# ରକ୍ଷା ବନ୍ଧନ ଓ

# ଝୁଲଣ ପୂର୍ଣ୍ଣିମା

**ପ୍ରଭାକର ମହାପାତ୍ର**

ଝୁଲଣ ଯାତ୍ରା ଶ୍ରାବଣ ଶୁକ୍ଳ ଦଶମୀରୁ ଆରମ୍ଭ ହୋଇ ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିଥାଏ । ଶ୍ରାବଣ ପୂର୍ଣ୍ଣିମା ଦିନ ଝୁଲଣ ଯାତ୍ରା ବ୍ୟତୀତ ଶ୍ରାବଣ ପୂର୍ଣ୍ଣିମା ଦିନ ଗହ୍ମା ପୂର୍ଣ୍ଣିମା ଓ ରାକ୍ଷୀ ପୂର୍ଣ୍ଣିମା ପର୍ବ ମଧ୍ୟ ପାଳିତ ହୋଇଥାଏ। ଅତଏବ, ଏହି ପର୍ବାର ପୂର୍ଣ୍ଣିମା ଦିନଟି ପର୍ବ ପର୍ବାଣୀରି ତ୍ରିବେଣୀ ସଂଗମ। ଏହି ଶୁଭ ତିଥିର ଅନ୍ୟ ବୈଶିଷ୍ଟ୍ୟ ହେଲା ଏହି ପୂର୍ଣ୍ଣିମା ଦିନ ବିଶ୍ୱ ସଂସ୍କୃତ ଦିବସ ପାଳନ କରାଯାଏ। ଶ୍ରାବଣ ପୂର୍ଣ୍ଣିମାଠାରୁ ଉପାକର୍ମ ଆରମ୍ଭ ହୁଏ। ଉପାକର୍ମର ଅର୍ଥ ବେଦପାଠ ବା ବେଦ ଅଭ୍ୟାସ। ବେଦ ପାଠକୁ ୟୁନେସ୍କୋ intangible cultural heritage ରୂପେ ସ୍ୱୀକୃତି ଦେଇଛି। ଏହି ଦିନଟି ହିଁ ବୈଦିକ ପରମ୍ପରା ଓ ବୈଦିକ ମୂଲ୍ୟବୋଧର ଧାରା ବ ାଇ ରଖିଛି।

ବଡ଼ ଠାକୁର ବଳଭଦ୍ରଙ୍କର ଜନ୍ମତିଥି ହୋଇଥିବାରୁ ଶ୍ରାବଣ ପୂର୍ଣ୍ଣିମାରେ ବଳଦେବଙ୍କ ଜନ୍ମୋତ୍ସବ ପାଳିତ ହୁଏ। ବଳରାମଙ୍କ ଆୟୁଧ ତଥା କୃଷି ଉପକରଣ ଲଙ୍ଗଳ ପୂଜା ହୁଏ। ବଳଦମାନଙ୍କୁ ଓ ଗୋମାତାଙ୍କୁ ପୂଜା କରାଯାଏ। ମୁଖ୍ୟତଃ ଏହା ଏକ କୃଷିଭି ିକ ପର୍ବ। ଶ୍ରାବଣ ପୂର୍ଣ୍ଣିମାରେ ଗହ୍ମାଡ଼ିଆଁ ଆୟୋଜିତ ହୋଇଥିବା ଫଳରେ ଏହି ପର୍ବ ଗହ୍ମାପୂର୍ଣ୍ଣିମା ନାମରେ ନାମିତ। କୃଷି କାର୍ଯ୍ୟ ପ୍ରାୟତଃ ସରିଥିବାରୁ ଗ୍ରାମର ଯୁବକମାନେ ଏକତ୍ରିତ ହୋଇ ଖେଳ କସରତ ସଂପର୍କିତ ଗହ୍ମାଡିଆଁ ଆୟୋଜକ କରିବା ଫଳରେ ଶରୀରକୁ ସୁସ୍ଥ ଓ ବଳିଷ୍ଠ କରି ଗଢ଼ି ତୋଳିବା ପରମ୍ପରା ରହିଥାଏ। ଯୁବଗୋଷ୍ଠୀମାନଙ୍କ ମଧ୍ୟରେ ସାମୂହିକ ଭାବେର କାର୍ଯ୍ୟ ସଂପାଦାନର ଦାୟିତ୍ୱବୋଧ ସୃଷ୍ଟି ହୋଇଥାଏ। ରାକ୍ଷୀ ପୂର୍ଣ୍ଣିମା ଭାବେ ଏହି ଦିବସଟିକୁ ସର୍ବ ଭାରତୀୟ ସ୍ତରରେ ଅତ୍ୟନ୍ତ ଉତ୍ସାହର ସହିତ ରାକ୍ଷୀ ବନ୍ଧନ କାର୍ଯ୍ୟ ସଂପାଦିତ ହୋଇଥାଏ। ରାକ୍ଷୀ ବନ୍ଧନ ଭଉଣୀ ପ୍ରତି ଭାଇର କ ର୍ବ୍ୟ ଓ ଦାୟିତ୍ୱବୋଧର ସଚେତନତା ଜାଗରିତ ହୋଇଥାଏ। ଭାଇଭଉଣୀଙ୍କ ମଧ୍ୟରେ ସ୍ନେହ, ପ୍ରେମ, ଆନ୍ତରିକତାକୁ ସୁଦୃଢ଼ କରିଥାଏ।

ଝୁଲଣ ପୂର୍ଣ୍ଣିମା ପ୍ରତି ଗ୍ରାମର ମନ୍ଦିରମାନଙ୍କରେ ପାଳିତ ହୋଇଥାଏ। ମନ୍ଦିର ସବୁ ଗୋଷ୍ଠିଭି ିକ ଭାବେ ପରିଚାଳିତ ହୋଇଥାଏ। ଗ୍ରାମର ଲୋକମାନେ ଏକ ମନପ୍ରାଣରେ ସମ୍ମିଳିତ ଭାବେ ଝୁଲଣ ଯାତ୍ରା ପାଳନ କରିଥାନ୍ତି। ଝୁଲଣ ଯାତ୍ରାରେ ଝୁଲଣ କୁଞ୍ଜରେ ରାଧାକୃଷ୍ଣ, କୁଞ୍ଜ କୁହାଯାଏ। ପୁଷ୍ପ ବିମଣ୍ଡିତ ପାଦପ ନିଚୟ ଓ ବିହଗ କାକଳୀ ମୁଖରିତ ସ୍ଥାନ ହିଁ କୁଞ୍ଜ ବା ଲତାଗୃହ। ଅତଏବ, ଝୁଲଣ କୁଞ୍ଜରେ ମୟୁର, ଶାରୀ, ପାରା, ହଳଦୀ ବସନ୍ତ ଆଦି ପକ୍ଷୀମାନଙ୍କୁ କୁଞ୍ଜରେ ଖଞ୍ଜା ଯାଇଥାଏ। ଶୋଲ ନିର୍ମିତ ଝୁଲଣ କୁଞ୍ଜଟି ପୁଷ୍ପିତ ଲତା ଓ ପକ୍ଷୀ ମଣ୍ଡିତ ହୋଇ ଖୁବ୍ ଆକର୍ଷଣୀୟ ହୋଇଥାଏ।

ଝୁଲଣ କୁଞ୍ଜରେ ଓଲଟ ଶୁଆ ଶୋଭା ପାଉଥାନ୍ତି। ଓଲଟ ଶୁଆ ବୈଦିକ ଦର୍ଶନ ଜାରୀର ମଧ୍ୟସ୍ଥ ଆତ୍ମା ଓ ବୈଦିକ ଦର୍ଶନ ଶରୀର ମଧ୍ୟସ୍ଥ ଆତ୍ମା ଓ ପରମାତ୍ମାର ସୂଚକ। ଚେତନ ଶକ୍ତ, କର୍ମ ଓ କର୍ମଫଳ ଭୋଗର

ପରିଚାୟକ । ଏହି ସାଙ୍କେତିକ ପରିପ୍ରକାଶ ମହତ୍ କାର୍ଯ୍ୟ ସଂପାଦନ କରିବା ପାଇଁ ପରମ୍ପରାଗତ ଭାବେ ମନୁଷ୍ୟକୁ ପ୍ରେରଣା ଦେଇଥାଏ । ପୁଷ୍ପ, ଲତା ଓ ପକ୍ଷୀ ସମୂହ ଏକ ପ୍ରାକୃତିକ  କୁଞ୍ଜବିମଣ୍ଡିତ ପରିବେଶ ପ୍ରତି ମନୁଷ୍ୟା ମନରେ ଆଗ୍ରହ ଜାତ ହୋଇଥାଏ । ଏହା ଫଳରେ ପ୍ରାକୃତିକ ପରିବେଶ ଓ ଜୈବ ବିଭିନ୍ନତାର ସୁରକ୍ଷା ପ୍ରତି ମନୁଷ୍ୟ ଚେଷ୍ଟିତ  ହୋଇଥାଏ ।

ଝୁଲଣ ଯାତ୍ରା ଓ ପୂର୍ଣ୍ଣିମା ପରମ୍ପରା ବୈଦିକ ଦର୍ଶନର ସ୍ମୃତି ବହନ କରି “ଏକୋହଂ ବହୁସ୍ୟାମ” ଆମେ ବିଭିନ୍ନ ହେଲେ ମଧ ଏକ, ଆମେ ବହୁତ ହେଲେ ମଧ ଏକ ଏହି ମହାନ୍ ସାଂସ୍କୃତିକ ପରମ୍ପରାକୁ ଉଜ୍ଜୀବିତ ରଖିଥାଏ ।

ପାଶ୍ଚାତ୍ୟ ଦର୍ଶନର ମହାନାୟକ ଥେଲିସ୍‌ଙ୍କ ସିଦ୍ଧାନ୍ତ ଏକରୁ ଜଗତର ସୃଷ୍ଟି ଓ ଏକରେ ଜଗତରେ ବିଲୟ । ପାଶ୍ଚାତ୍ୟ ଦାର୍ଶନିକ ବିଦ୍ୱାନ୍‌ମାନେ କହନ୍ତି ଥେଲିସ୍ ଏକତ୍ୱର ପ୍ରତିପାଦନ କରି ବିଶ୍ୱ ଐକ୍ୟ ଓ ସାହିତ୍ୟର ଦ୍ୱାର ଉନ୍ମୁକ୍ତ କରିଛନ୍ତି । କିନ୍ତୁ , ଏହାର ହଜାର ହଜାର ବର୍ଷ ପୂର୍ବରୁ ଭାରତୀୟ କ୍ରାନ୍ତଦର୍ଶୀଗଣ ବିଶ୍ୱ ଐକ୍ୟ, ସଂହତି ଓ ବିଶ୍ୱକୁ ଏକ ପରିବାର ଭାବନା” ବସୁଧୈବ କୁଟୁମ୍ବକମ୍”ର ବା । ସମଗ୍ର ବିଶ୍ୱକୁ ଦେଇଛନ୍ତି । ଏହାହିଁ safteguarding intangilbile cultural  heritage ର ମୂଳମନ୍ତ୍ର ଓ ଆଧାର ।

# ଅକ୍ଷୟ ତୃତୀୟା

ଦୁର୍ଯ୍ୟୋଧନ କାଠୁଆ

ଓଡ଼ିଶାରେ ପ୍ରଚଳିତ ପର୍ବପର୍ବାଣୀ, ଓଷାବ୍ରତ, ଯାନିଯାତ୍ରା ଓଡ଼ିଶାବାସୀଙ୍କ ଧର୍ମ, ସଂସ୍କୃତି, ଚଳଣି, ଆଚାର ଓ ବିଚାର ସଂପର୍କିତ ପରଂପରାର ପ୍ରତିଫଳନ। ଓଡ଼ିଶା ଏକ କୃଷି ପ୍ରଧାନ ଦେଶ। ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରି ଚଳନ୍ତି। ଏହି ଦୃଷ୍ଟିରୁ କିଛି ପର୍ବପର୍ବାଣୀ କୃଷିଭି ିକ। ଅକ୍ଷୟ ତୃତୀୟା ଓଡ଼ିଶାର ଏକ କୃଷିଭି ିକ ପର୍ବ। ବୈଶାଖ ମାସ ଶୁକ୍ଳ ତୃତୀୟା ତିଥିଟି ଅକ୍ଷୟ ତୃତୀୟା ଭାବରେ ପାଳିତ ହୁଏ। ଏହି ଦିନରେ କରାଯାଇଥିବା ମହତ୍ କାର୍ଯ୍ୟରେ ଫଳ କ୍ଷୟ ହୁଏ ନାହିଁ। ଏଣୁ ଏହି ଦିବସଟିକୁ ଅକ୍ଷୟ ତୃତୀୟା କୁହାଯାଏ।

ଭବିଷ୍ୟ ପୁରାଣରେ ଲେଖାଅଛି-

**ବୈଶାଖ ମାସି ଶୁକ୍ଳାୟାଂ ତୃତୀୟାଂ ହିଁ ଦ୍ୱିଜୋ   ମ।**

**ଯୋ ଦଦାତି ନରୋଶ୍ରେଷ୍ଠ ତ   ଦକ୍ଷୟମଶ୍ନୁତେ।**

ଚାଷ ଭଳି ଏକ ମହତ୍ କାର୍ଯ୍ୟର ଆରମ୍ଭ ଏହି ଦିନରୁ ଆରମ୍ଭ ହୋଇଥାଏ। ଚାଷଠାରୁ ବଳି ମହତ୍ କାର୍ଯ୍ୟର ଆରମ୍ଭ ଏହି ଦିନରୁ ଆରମ୍ଭ ହୋଇଥାଏ। ଚାଷ ଠାରୁ ବଳି ମହତ୍ କାମ ବା କ'ଣ ଥାଇପାରେ।



କଥାରେ ଅଛି- 'ଚଷା ଲକ୍ଷେ ଜୀବ ପୋଷା'। ମହତ୍‌ଜ କାମ ଚାଷ ଏହି ଦିନଠାରୁ ଆରମ୍ଭ। ଏହି ଦିନ ବୁଣାଯାଏ, ଏହି ଧାନବୁଣା କାର୍ଯ୍ୟକୁ ଅକ୍ଷୟ ମୁଠି କୁହାଯାଏ। କାରଣ ଏହି ତିଥିରେ ଧାନ ବୁଣିଲେ ବିହନର ଉତ୍ପାଦିକ ଶକ୍ତି ଅକ୍ଷୁର୍ଣ୍ଣ ବା ଅକ୍ଷୟ ରହିବ। ଉ   ମ ଶସ୍ୟ ଉତ୍ପାଦନ ହେବ ।

ଅକ୍ଷୟ ତୃତୀୟା ଦିନଠାରୁ ସତ୍ୟଯୁଗ ଆରମ୍ଭ ହୋଇଥିବା କୁହାଯାଏ। 'ସତ୍ୟ' ଶବ୍ଦଟି 'ସତ୍' ଶବ୍ଦରୁ ନିଷ୍ପନ୍ନ। ଏହାର ପାରିଭାଷିକ ବ୍ୟୁତ୍ପ ି ହେଲା 'ସତେ ହିତମ'। ଯାହା ସତ୍, ଯାହା ଯଥାର୍ଥ, ଯାହା ଉଚିତ୍ ଯାହା ନ୍ୟାୟ ସଙ୍ଗତ ତାହା ସତ୍ୟ। ଏହି ପରି ଯୁଗକୁ ସତ୍ୟଯୁଗ କୁହାଯାଏ। ସାଙ୍କେତିକ ଅଭିବ୍ୟକ୍ତିରେ ଯାହା ସମସ୍ତଙ୍କ ପାଇଁ ହିତ ତାହା ହିଁ ସତ୍ୟ। ଅତଏବ, ଅକ୍ଷୟ ତୃତୀୟା ଦିନ ସମସ୍ତ ଉ   ମ କାର୍ଯ୍ୟର ଯେଉଁ ଦିନଠାରୁ ଅଥମାରମ୍ଭ ହୁଏ। ସେହି ଦିନ ହିଁ ସତ୍ୟ ଯୁଗର ଆରମ୍ଭ। ଅତଏବ, ଏହା ପ୍ରକାରନ୍ତରେ ନିର୍ଦ୍ଦେଶିତ ଯେ ସମସ୍ତଙ୍କ ହିତ ପାଇଁ ଯାହା କରଣୀୟ- ତାହାହିଁ ସଂସ୍କୃତି ଓ ତାହାହିଁ ପରମ୍ପରା ଏବଂ ଅକ୍ଷୟ ତୃତୀୟା ପର୍ବର ଏହାହିଁ ପରମ୍ପରା ଓ ଏହାହିଁ ଉଦ୍ଦେଶ୍ୟ। ଉତ୍କଳମଣି ଗୋପବନ୍ଧୁ ଦାସ ଯଥାର୍ଥରେ କହିଛନ୍ତି

**"ନିଜ ସ୍ୱାର୍ଥ ପାଇଁ ଜାତ ନୁହେ ହିନ୍ଦୁ**
**ବିଶ୍ୱ ହିନ୍ଦୁ ପ୍ରତି ରକ୍ତ ବିନ୍ଦୁ ।**

ଭାରତୀୟ ସଂସ୍କୃତି ହେଉ ବା ଓଡିଶାର ସଂସ୍କୃତି ହେଉ ମୂଳ ଆଧାର ହେଉଛି ବୈଦିକ ସଂସ୍କୃତି । ଯାହାକୁ ଆଜି ବିଶ୍ୱ Intangible Cultural Heritage କହୁଛି, ତାହା ବୈଦିକ ଧାରା । ଋଗ୍‌ବେଦର ସାରଭୂତ ସ୍ୱରୂପ ଦଶମ ମଣ୍ଡଳର ଶେଷ ସୂକ୍ତରେ ପ୍ରତିଫଳିତ ।

**ସଂ ଗଛ ଧ୍ୱଂ ସଂ ବଦଧ୍ୱଂ**

**ସଂ ବୋ ମନାସି ଜାନତାମ୍**

ଏହି ମଂତ୍ର କାୟମନୋବକ୍ୟରେ ସାମୂହିକ କାର୍ଯ୍ୟ ସଂପାଦାନର ମନ୍ତ୍ର । ସମସ୍ତେ ପରସ୍ପର ସମ୍ମିଳିତ ଓ ସଂଗଠିତ ହୁଅ । ସମସ୍ତେ ମିଳିମିଶି ଅଭ୍ୟୁଦୟର ବାହକ ହୁଅ । ସମସ୍ତଙ୍କର ମନ ଓ ଚିନ୍ତାଧାରା ଏକ ହେଉ ।

**ସମାନ ମନ୍ତ୍ରଃ ସମିତ ସମାନୀ ସମାନଂ ମନଃ ସହ ଚି ମେଷାମ୍**

**ସମାନଂ ମନ୍ତ୍ରମ ି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।**

ସମତା ଓ ଏକତାର ମନ୍ତ୍ରରେ ସମସ୍ତେ ଅଭିମନ୍ତ୍ରିତ ହୁଅନ୍ତୁ । ସମସ୍ତଙ୍କରା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଏକ ହେଉ । ଆବଶ୍ୟକତା ସମଷ୍ଟିକୈନ୍ଦ୍ରିକ ହେଉ । କାମନା ଓ ଅଭିଳାଷର ସମନ୍ୱୟତା ରହୁ । ପ୍ରାର୍ଥନା ସର୍ବଜନ ମଙ୍ଗଳାଭିମୁଖୀ ହେଉ ।

**ସମାନୀ ବ ଆକୂତିଃ ସମାନ ହୃଦୟାନି ବଃ ।**

**ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ।।**

ସମସ୍ତଙ୍କର ସଂକଳ୍ପ, ପ୍ରଯତ୍ନ, ବ୍ୟବହାର ସମାନ ଓ ସମଭାବପନ୍ନ ହେଉ । ହୃଦୟ ଓ ଚିନ୍ତାଧାରାରେ ସରଳତା ଓ ଏକତ୍ୱବୋଧ ରହୁ । ମନ କପଟ ରହିତ ହେଉ ଓ ସଦ୍‌ଭାବଯୁକ୍ତ ହେଉ ।

ସର୍ବଜନହି ବୈଦିକ ସଂସ୍କୃତି ହିଁ ଓଡ଼ିଶାର ପର୍ବପର୍ବାଣୀ ଓଷାବ୍ରତ ଓ ଯାନିଯାତ୍ରାର ପ୍ରତିଫଳିତ ।

# ନୂଆଖିଆ

**ଶ୍ରୀ ହରେକୃଷ୍ଣ ସାଇଁ**

ନୂଆଖିଆ ଏକ କୃଷିଭି ିକ ପର୍ବ। ଏହି ପର୍ବ ଓଡ଼ିଶାର ପଶ୍ଚିମା ଳ ଜିଲ୍ଲା ଗୁଡ଼ିକରେ ପାଳିତ ହୋଇଥାଏ। ଭାଦ୍ରବ ମାସରେ ନୂଆଖିଆ ପର୍ବ ପାଳନ କରାଯାଏ। ନୂତନ ଭାବେ ଉତ୍ପାଦିତ ଧାନ ଫସଲରୁ ଚାଉଳ ପ୍ରସ୍ତୁତ କଲି ନବାନ୍ନ ଭକ୍ଷ କରାଯାଏ। ଏହି ନବାନ୍ନ ଭକ୍ଷଣ ଦିବସକୁ ସ୍ଥାନୀୟ ଭାଷାରେ ନୂଆଖିଆ କୁହନ୍ତି। ଭାଦ୍ରବା ମାସରେ କେଉଁ ତିଥିରେ ନବାନ୍ନ ଭକ୍ଷଣ ପାଳନ କରାଯିବ ସମଲେଶ୍ୱରଙ୍କର ପଣ୍ଡିତ ମଣ୍ଡଳୀ ପଞ୍ଜିକା ଅନୁସାରେ ସ୍ଥିର କରିଥାନ୍ତି।

ଏହା ଏକା ଗୋଷ୍ଠୀଭି ିକ ପର୍ବ। ପ୍ରତି ପରିବାରରେ ଏହି ପର୍ବ ପାଳନ କରାଯାଏ। କିନ୍ତୁ ଗୋଷ୍ଠୀ ଭି ିକ କାର୍ଯ୍ୟକ୍ରମ ଏହି ପର୍ବ ପାଳନ କରାଯାଏ। କିନ୍ତୁ ଗୋଷ୍ଠୀଭି ିକ କାର୍ଯ୍ୟକ୍ରମା ଏହି ପର୍ବର ମୁଖ୍ୟ ଆଧାର। ନୂଆଖାଇ ପର୍ବ



ପାଳନ ଦ୍ୱାରା ମନୁଷ୍ୟ ସମାଜରେ ଶାନ୍ତି, ସଂହତି, ଏକତା, ମୈତ୍ରୀ ଆଦି ମାନବୀୟ ଗୁଣ ଗୁଡ଼ିକର ଦୃଢ଼ିଭୁକ୍ତ ହୋଇଥାଏ। ଏହି ଦିବସରେ ଲୋକମାନେ ମାନ, ଅଭିମାନ, ଶତ୍ରୁଭାବ ପରିହାର କରି ଶାନ୍ତ, ସହୃଦୟତା ଓ ସଦ୍‌ଭାବକୁ ନିଜର କରିଥାନ୍ତି। ଏହି ପର୍ବର ଏକ ମୁଖ୍ୟ ଆକର୍ଷଣ ନୂଆଖାଇ ଜୁହାର' ଏହି ନୂଆଖାଇ ଜୁହାର ମାନବୀୟ ମୂଲ୍ୟବୋଧର ବଳିଷ୍ଠ ଆଧାର। କନିଷ୍ଠମାନେ ବୟୋଜ୍ୟେଷ୍ଠ ମାନଙ୍କ ପାଦତଳେ ପ୍ରଣାମ କଲି ଆଶିର୍ବାଦ ଭିକ୍ଷା କରିଥାନ୍ତି। ସମବୟସ୍କମାନେ ପରସ୍ପର ମଧରେ ଆଲିଙ୍ଗନ ଓ କୋଳାଗ୍ରତ ପୂର୍ବକ ସର୍ବଜନୀନ ଭାତୃତ୍ୱଭାବ ଉଦ୍ରେକ କରାଇଥାନ୍ତି। ଏହି ନୂଆଖା ପର୍ବ ବିଶ୍ୱଭାତୃତ୍ୱର ବା ା ବହନ କରେ ପ୍ରତ୍ୟେକ ପ୍ରତ୍ୟେକଙ୍କର ଶୁଭ ଓ ମଙ୍ଗଳ କାମନା କରି ମନଆନନ୍ଦରେ ଗୀତ ଗାଇଥାନ୍ତି। ସେହି ଗୀତର ମର୍ମସ୍ପର୍ଶୀ ଭାବ ହେଲା ଭ୍ରାତୃତ୍ୱ ଓ ମୈତ୍ରୀ ଭାବ

**“ଆଜର ନୂଆଖାଇ**

**ତୁମର ତାଙ୍କର ଆମର ଆଏ**

**ହାଟ ପିଠରତା ଝାଏଁରେ ଝାଏଁ**

**ଶୁଭେ ସାଏତେ ଆଉନ୍ତ ସଭେ**

**ଶତ୍ରୁର ମିତର ସବକେ ସଭେଁ**

**ରସର କେଲିର ବଜରବାଟିର ଭାଇ**

**ଆଝିର ନୂଆଖାଇ"**

ପରିବେଶ ସୁରକ୍ଷା  ଦିଗରେ ଏହି ପର୍ବରେ ଅବଦାନ ରହିଛି । କାରଣ ନିର୍ଦ୍ଧିଷ୍ଟ ପ୍ରକାର ପତ୍ର, ଫୁଲ ଓ ଫଳ ଏହି ପର୍ବରେ ବ୍ୟବହୃତ ହୁଏ ଯାହା ସୁରକ୍ଷା କରାଯାଏ ।

# ଶୀତଳ ଷଷ୍ଠୀ

**ଶ୍ରୀ ହରଷ ଚନ୍ଦ୍ର ଦାଶ**

ଶୀତଳ ଷଷ୍ଠୀ ମୁଖ୍ୟତଃ ଶୈବ ଧର୍ମ ସଂପର୍କିତ। ଈଶ୍ୱର ପାର୍ବତୀଙ୍କର ବିବାହ ଉତ୍ସବ ଜ୍ୟେଷ୍ଠ ଶୁକ୍ଳ ପ ମୀ ଦିନ ପାଳିତ ହୋଇଥାଏ ଏବଂ ଶୀତଳଷଷ୍ଠୀ ଦିନଟିକୁ ଏହାକୁ ସ୍ମାରକିସ୍ୱରୁପର ପାଳନ କରିଥାନ୍ତି। ଏହା ଧାର୍ମିକ ପାର୍ବଣ ହେଲେ ମଧ ଏହାର ପାଳନ ପରମ୍ପରା ଗୋଷ୍ଠୀ ଭି ିକ। ପଶ୍ଚିମ ଓଡ଼ିଶାର ଶୀତଳ ଷଷ୍ଠୀ ପର୍ବ ପାଳନ ଗୋଷ୍ଠୀ ସହଯୋଗରେ ଓ ଗୋଷ୍ଠୀଗତ ଭାବେ କାର୍ଯ୍ୟ ସଂପାଦନର ମୂଳ ଉତ୍ସ ହୋଇଛି। ଏହା ଦୁଇଟି ଗ୍ରାମର ମିଳିତ ସହଯୋଗରେ ଶୀତଳ ଷଷ୍ଠୀ ପର୍ବ ପାଳିତ ହୋଇଥାଏ ଯେଉଁଥିରେ ଆଖ ପାଖ ସହର ଓ ଗ୍ରାମା ଳ ଲୋକମାନଙ୍କର ସହଯୋଗ ରହିଥାଏ। ଦୁଇଟି ଗ୍ରାମ ମଧ୍ୟରେ ଶିବ ପାର୍ବତୀ ବିବାହ ମାଧ୍ୟମରେ ବହୁ ଗ୍ରାମର ଲୋକ ବନ୍ଧୁତ୍ୱ ସୂତ୍ରରେ ଆବଦ୍ଧ ହୋଇଥାଆନ୍ତି। ଗ୍ରାମ ଗୁଡ଼ିକର ସମସ୍ତ ଲୋକ ଆର୍ଥିକ ଓ ଶ୍ରମଦାନ ପୂର୍ବକ ଆନ୍ତରିକ ସହଯୋଗର ହାତ ବଢ଼ାଇଥାନ୍ତି।



ଶୀତଳ ଷଷ୍ଠୀ ଉତ୍ସବ ଗୋଷ୍ଠୀଗତ ହୋଇଥିବାରୁ ଏହି ଅବସରରେ ସମସ୍ତ ଲୋକମାନେ ଅଭିମାନ ଭୁଲି ଓ ସହଯୋଗ ବାତାବରଣ ସୃଷ୍ଟି କରିଥାନ୍ତିର। ଆର୍ଥିକ ଓ ଶ୍ରମ ଅବଦାନ ଫଳରେ ପରସ୍ପର ମଧ୍ୟରେ ସମାନତା ମନୋବୃ ି ଜାଗ୍ରତ ହୋଇଥାଏ ଏହା ଗୋଷ୍ଠି ଭି ିକ ହୋଇଥିବାର ଗ୍ରାମର ସବୁ ବର୍ଗର ଲୋକ ଏଥିରେ ସାମିଲ୍ ହୋଇଥାନ୍ତି। ଫଳରେ ଧନୀ, ନିର୍ଦ୍ଧନ ଓ ବଡ଼ ସାନ ଭେଦ ଭାବ ଆପେ ଦୂରିଭୂତ ହୋଇଯାଇଥାଏ। ଏହି ପର୍ବ ଶିବ ପାର୍ବତୀଙ୍କ ବିବାହ ସଂପର୍କିତ ହୋଇଥିବାରୁ ମହିଳାମାନଙ୍କର ଭୂମିକା ଅତ୍ୟନ୍ତର ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଫଳରେ ସମାଜରେ ମହିଳା ବର୍ଗ ପ୍ରତି ସମ୍ମାନ ଅକ୍ଷୁର୍ଣ୍ଣ ରହିଥାଏ।

ଏହି ପାର୍ବଣ ପାଳନ ଅବସରରେ ପାରିବାରିକ। ସାମାଜିକ ଓ ବିଶ୍ୱ ମଙ୍ଗଳର ବହୁ ଉପାଦେୟର ବା ୍ ବେଦମନ୍ତ୍ରରେ ଉଚ୍ଚରିତ ହୋଇଥାଏ। ସେହି ବା ୍ ଜନମାନସରେ ଏକ ସଦ୍ଭାବ ଓ ଦିବ୍ୟ ଚେତନାରେ ଦିକ୍ଷା ସ୍ୱରୂପ ପ୍ରତିହାତ ହୋଇଥାଏ। ଏହାଦ୍ୱାରା ସମାଜରେ ମାନବୀୟ ମୂଲ୍ୟବୋଧର ଆଧାର ଯଥା ଶାନ୍ତି, ସଂହତି, ସଦ୍ଭାବ, ମୈତ୍ରୀ ଆଦି ଦୃଢ଼ିଭୂତ ହୋଇଥାଏ।

ସାମାଜିକ ମୂଲ୍ୟବୋଧ ଓ ମାନବୀୟର ମୂଲ୍ୟବୋଧ ବ୍ୟତୀତ ପରିବେଶ ସୁରକ୍ଷାରେ ଓ ଜୈବ ବିବିଧତା ସଂରକ୍ଷଣରେ ଏହି ପାର୍ବଣର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣଳ ଏହି ଅବସରରେ ଆବଶ୍ୟକ ପଡୁଥିବା ବୃକ୍ଷଲତା, ଫୁଲ ଫଳ ଆଦିକୁ ଲୋକମାନେ ବିଭିନ୍ନ ଜାଗାରେ ରୋପଣ କରି ସୁରକ୍ଷା ଦେଇଥାନ୍ତି।

**PHOTOGRAPHS OF**

**CONSULTATION WORKSHOP ON STUDY, DATA CREATION & DOCUMENTATION OF ODISHAN RITUAL PRACTICES: THE INTANGIBLE CULTURAL HERITAGE**

**DAY-I**



Dr. BhagyalipiMalla, Superintendent, State Archives Inaugurating the Workshop




Guests & Participants in the Workshop



Participants in the Workshop



Sj. NaliniKantaSahu, Dist. Culture Officer addressing in the Workshop




Guest on the Dias




Guest on the Dias(Left to Right))

Sj. Nalini Kanta Sahu, Sj. Harekrishna Swain, Sj. Natabar Mohanty, Dr. Bhagyalipi Malla, Sj. Surendra nath Mishra, Dr. Gauranga Ch. Dash, Sj. Prafulla Ku. Samantaray



President Sj. Surendra Nath Mishra addressing

In the Workshop



Sj. Prafulla Ku. Samantaray (Chief Guest) addressing

addressing in the Workshop



Sj. Rabindranath Bahinipati addressing
in the Workshop



Dr. Bhagyalipi Mall, (Chief Speaker) addressing
in the Workshop



Dr. Gauranga Ch. Dash (Distinguished Guest)
Addressing in the Workshop



Dr. Ajaya Ku. Swain Addressing
in the Workshop



Sj. Simanchal Panda addressing in the Workshop



Sj. Dyuryadhankathua(Distinguished Guest) addressing in the Workshop




**Power point presentation**




**Power point presentation**

**PHOTOGRAPHS OF DAY-II**




Guest on the Dias




